## ଆଜି କ'ଣ କେଉଁଠି

**ଅନୁଗୋଳ**

- ଭଜନ ସନ୍ଧ୍ୟା
ସ୍ଥାନ- ମାଉସୀ ମା' ମନ୍ଦିର
ସମୟ- ସନ୍ଧ୍ୟା ୭ଟା
- ପର୍ଶୁରାମାଷ୍ଟମୀ ପର୍ବ
ସ୍ଥାନ- ମାଉସୀ ମା' ମନ୍ଦିର
ସମୟ- ସନ୍ଧ୍ୟା ସାଢ଼େ ୭ଟା

**ବଅଁରପାଳ**

- ରଥଯାତ୍ରା ଉପଲକ୍ଷେ ପାଲା କାର୍ଯ୍ୟକ୍ରମ
ସ୍ଥାନ: ନାଲ୍‌କୋ ଗୁଣ୍ଡିଚା ମନ୍ଦିର
ସମୟ: ସନ୍ଧ୍ୟା ୮ଟା।

## ସଂକ୍ଷେପରେ

ନାବାଳିକାଙ୍କୁ ଉଠାଇ ନେବାକୁ ଧମକ ମାମଲା

### ଅଭିଯୁକ୍ତଙ୍କୁ ବର୍ଷେ କାରାଦଣ୍ଡାଦେଶ

**ଅନୁଗୋଳ ଅଫିସ, ୮।୭:** ଜନୈକା ନାବାଳିକାଙ୍କୁ ଉଠାଇନେବାକୁ ଧମକ ଦେବା ସହ ଗାଳିଗୁଲଜ ମାମଲାର ଶୁଣାଣି କରି ସୋମବାର ଅନୁଗୋଳ ଆଡ଼ିସନାଲ ଜିଲା ଜଜ୍ କମ୍ ସ୍ପେଶାଲ ଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ ଅଭିଯୁକ୍ତ କୁନା ସାହୁଙ୍କୁ ଏକ ବର୍ଷ କାରାଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ୨୦୧୬ ନଭେମ୍ବର ୪ରେ ଜଣେ ନାବାଳିକା ସ୍କୁଲ ଯାଉଥିବା ବେଳେ କୁନା ତାଙ୍କ ସାଇକେଲକୁ ପଛରୁ ଟାଣିଦେବାରୁ ସେ ତଳେ ପଡ଼ିଯାଇଥିଲେ। ପରେ କୁନା ତାଙ୍କୁ ଗାଳିଗୁଲଜ କରିବା ସହ ଘରୁ ଉଠାଇ ନେବାକୁ ଧମକ ଦେଇଥିଲେ। ଏହାପର ଦିନ ନାବାଳିକା ବାଗଡ଼ିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ କୁନାଙ୍କୁ ଗରିଫ କରି କୋର୍ଟ ଚାଲାଣ କରିଥିଲା। ସ୍ପେଶାଲ ପିପି ସରୋଜ କୁମାର ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

### ବିଦ୍ୟୁତ୍ ଆଘାତରେ ମହିଳା ମୃତ

**ଅନୁଗୋଳ ଅଫିସ, ୮।୭:** ଛେଣ୍ଡିପଦା ବ୍ଲକ ଜରପଡା ଥାନା ଜେରେଙ୍ଗ ଗାଁ ଦେହୁରୀ ସାହିରେ ସୋମବାର ବିଦ୍ୟୁତ୍ ଆଘାତରେ ପଙ୍କଜିନୀ ବେହେରାଙ୍କ ମୃତ୍ୟୁ ହୋଇଛି। ପଙ୍କଜିନୀ ଘର ପଛ ପାଖ କୂଅରୁ ପାଣି ଉଠାଉଥିବା ବେଳେ ବିଦ୍ୟୁତ୍ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ସପ୍ଲିମେଣ୍ଟାରୀ ପରୀକ୍ଷା ଦେଲେ ୨୬୩ ଛାତ୍ରୀଛାତ୍ର

**ବଇଣ୍ଡା,୮।୭(ଡି.ଏନ.ଏ.):** କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଆରମ୍ଭ ହୋଇଛି। ଏଥିରେ କିଶୋରନଗର ଓ ଆଠମଲ୍ଲିକ ବ୍ଲକର ୨୬ଟି ହାଇସ୍କୁଲର ୨୬୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ ଛାତ୍ରୀଛାତ୍ର ବିଦ୍ୟାଳୟକୁ ପ୍ରବେଶ କରିବା ପରେ ସେମାନଙ୍କୁ ପ୍ରଶ୍ନ ପତ୍ର ବଣ୍ଟନ କରାଯାଇଥିଲା। ପରୀକ୍ଷା କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ମନୋରମା ସାହୁ ପରୀକ୍ଷା କେନ୍ଦ୍ରଗୁଡିକ ବୁଲି ଯାଞ୍ଚ କରିଥିଲେ। ଶାନ୍ତିଶୃଙ୍ଖଳାରେ ପରୀକ୍ଷା ହୋଇଥିବାବେଳେ ହଣ୍ଡପା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

### ଫେରାର ଅଭିଯୁକ୍ତ ଗିରଫ

**ବଇଣ୍ଡା,୮।୭(ଡି.ଏନ.ଏ.):** ହଣ୍ଡପା ପୋଲିସ ରବିବାର ରାତିରେ ବଇଶିଣା ଗ୍ରାମରେ ଚଢାଉ କରି ଫେରାର ଥିବା ଅଭିଯୁକ୍ତ ସୁମନ୍ତ ନାୟକଙ୍କୁ ଗିରଫ କରିଛି। ସୋମବାର ତାଙ୍କୁ ଆଠମଲ୍ଲିକ କୋର୍ଟ ଚାଲାଣ କରାଯାଇଛି। ଦୀର୍ଘଦିନ ହେବ ତାଙ୍କ ନାମରେ ମାମଲା ଥିବାବେଳେ ସେ ଫେରାର ଥିଲେ। ଘରେ ଥିବା ଖବରପାଇ ପୋଲିସ ଚଢାଉ କରି ତାଙ୍କୁ ଗିରଫ କରିଥିଲା।

### ଯଜ୍ଞମଣ୍ଡପ ପ୍ରତିଷ୍ଠା ଉତ୍ସବ

**ଛେଣ୍ଡିପଦା, ୮।୭(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବରସାହି ପଞ୍ଚାୟତ ଖମାର ବାଣେଶ୍ୱର ଶୈବପୀଠରେ ସୋମବାର ନବନିର୍ମିତ ଯଜ୍ଞମଣ୍ଡପର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ସଭାପତି କୁଳମଣି ଗଡନାୟକଙ୍କ ନେତୃତ୍ୱରେ ଗ୍ରାମବାସୀ ନାମ ସଂକୀର୍ତ୍ତନ ସହିତ ଏକ ପଟୁଆରରେ ଗ୍ରାମ୍ୟଦେବୀ ମା ଝାରୀ ବୁଢୀଙ୍କୁ ସାଙ୍ଗରେ ନେଇ ଅରାଚୁଆରୁ ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପରେ ପଣ୍ଡିତ ପ୍ରସନ୍ନ ଆଚାର୍ଯ୍ୟଙ୍କ ଦ୍ୱାରା ହୋମ ଯଜ୍ଞ, ପୁରାଣ ପାଠ ଆଦି ସମ୍ପାଦନ କରାଯାଇଥିଲା।

# ମା' ହିଙ୍ଗୁଳାଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ

**ତାଳଚେର,୮।୭(ନି.ପ୍ର.)**

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ନୂତନ ଭବ୍ୟ ମନ୍ଦିରର ରତ୍ନମୁଦ ଉତ୍ସବ ସୋମବାର ଗୋପାଳପ୍ରସାଦଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅନୁଗୋଳ, ଢେଙ୍କାନାଳ, ପାଲଲହଡା, ଦେବଗଡ ଆଦି ଅଞ୍ଚଳରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ଦଳ ନାମ ପରିବେଷଣ କରିଥିଲେ।

ପ୍ରଥମେ ମା'ଙ୍କ ପୀଠରେ ସକାଳୁ ଏକ ଯଜ୍ଞର ଆୟୋଜନ



- ଗୋପାଳପ୍ରସାଦ ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁ
- ତାଳଚେର ରାଜା ଦେଲେ ୩ ଲକ୍ଷ ଟଙ୍କାର ଚେକ୍
- ୩ଶହ ସଂକୀର୍ତ୍ତନ ଦଳଙ୍କ ହରିନାମ ପରିବେଷଣ



ମହିଳା ସଂକୀର୍ତ୍ତନ ଦଳ ଉତ୍ସବ ଅବସରରେ ହରିନାମ ପରିବେଷଣ କରୁଛନ୍ତି।

କରାଯାଇଥିଲା। ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ପୌରୋହିତ୍ୟରେ ରାଜଗୁରୁ ନିରଞ୍ଜନ ପତି, ଅଭିମନ୍ୟୁ ଶତପଥୀ, ଟଙ୍କଧର ଶତପଥୀ, ମୀନକେତନ ମିଶ୍ର, ହୃଦୟ ଶତପଥୀ, ସନ୍ତୋଷ କୁମାର ମିଶ୍ର, ସୂର୍ଯ୍ୟନାରାୟଣ କର, ଗୋପାଳ ଚନ୍ଦ୍ର ଷଡଙ୍ଗୀ ପ୍ରମୁଖ ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ। ତାଳଚେର ରାଜା ରାଜେନ୍ଦ୍ର ଚନ୍ଦ୍ର ଦେବ ବୀରବର ହରିଚନ୍ଦନଙ୍କ ଉପସ୍ଥିତିରେ କର୍ତ୍ତା ଭାବେ ତାଙ୍କ ପ୍ରତିନିଧି ରାଜେନ୍ଦ୍ର ସିଂହ ଓ ସୌଦାମିନୀ ସିଂହ ଦାୟିତ୍ୱ ନିର୍ବାହ କରିଥିଲେ। ଏହାସହିତ ଇନ୍ଦ୍ର ଇନ୍ଦ୍ରାଣୀ ପୂଜା, ଚତୁର୍ଦ୍ଦଶ ରତ୍ନ ପୂଜା, ବାସ୍ତୁ ପୂଜା, ଗ୍ରହ ପୂଜା, ଯୋଗିନୀ ପୂଜା ଆଦି ସମ୍ପନ୍ନ କରାଯିବା ପରେ ମନ୍ଦିରର ଗର୍ଭ ସ୍ଥାପନ କରାଯାଇଥିଲା। ଅପରାହ୍ନ ୧ଟା ୩୦ରେ ଯଜ୍ଞରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି ସହ ପାରମ୍ପରିକ ଢୋଲ, ନିଶାଣ, ମହୁରୀ ଶବ୍ଦରେ ସମଗ୍ର ପରିବେଶ ଆଧ୍ୟାତ୍ମିକମୟ ହୋଇଉଠିଥିଲା। ମା' ହିଙ୍ଗୁଳାଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନଙ୍କ ଲମ୍ବା ଧାଡ଼ି ଲାଗିଥିଲା। ସମସ୍ତ ଭକ୍ତଙ୍କ ନିମନ୍ତେ ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ସହ ଭିଡ ନିୟନ୍ତ୍ରଣ ପାଇଁ ତାଳଚେର ପୋଲିସ ପକ୍ଷରୁ ଫୋର୍ସ ମୁତୟନ କରାଯାଇଥିଲା। ରାଜା ରାଜେନ୍ଦ୍ର ଚନ୍ଦ୍ର ଦେବ ମା'ଙ୍କ ମନ୍ଦିର ନିର୍ମାଣ ପାଇଁ ତିନି ଲକ୍ଷ ଟଙ୍କାର ଏକ ଚେକ୍ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କୁ ପ୍ରଦାନ କରିଥିଲେ। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ମୁକେଶ ପାଲ, ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି, ଏସ୍‌ପି ମିତ୍ରଭାନୁ ମହାପାତ୍ର, ଅତିରିକ୍ତ ଏସ୍‌ପି ସନ୍ତୋଷ ମିଶ୍ର, ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ତଥା ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ଏସ୍‌ଡିପିଓ ହେମନ୍ତ କୁମାର ପଣ୍ଡାଙ୍କ ସହ ଟ୍ରଷ୍ଟ ବୋର୍ଡ ସଦସ୍ୟ ଜଗନ୍ ମୋହନ ଗଡନାୟକ, ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ମୁରଲୀଧର ସାହୁ, ଗଗନ ବିହାରୀ ସାହୁ, ଅରୁଣ କୁମାର ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ସଞ୍ଜୟ ସାହୁ, ରାଜେନ୍ଦ୍ର ସିଂ, ସିଦ୍ଧେଶ୍ୱର ପ୍ରଧାନ, ରତ୍ନାକର ସାହୁ, ଗୋବର୍ଦ୍ଧନ ସାହୁ, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ସୁନୀଲ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

- ଅନୁଗୋଳ କଲେଜ ଛାତ୍ରଙ୍କ ସାହିତ୍ୟ କୃତି

# ପ୍ରକାଶ କଲେ ୨୨୪ ପୃଷ୍ଠାର ଉପନ୍ୟାସ

**ଅନୁଗୋଳ ଅଫିସ, ୮।୭**

ମାତ୍ର ୨୦ ବର୍ଷ ବୟସରେ ୨୨୪ ପୃଷ୍ଠାର ଉପନ୍ୟାସ ଲେଖିଛନ୍ତି ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ପ୍ରଭୁ କଲ୍ୟାଣ ସିଂ। ସେ ଏବେ ଯୁକ୍ତ ୩ ଦ୍ୱିତୀୟ ବର୍ଷ (ଇଂଲିଶ ସମ୍ମାନ)ରେ ଅଧ୍ୟୟନ କରୁଛନ୍ତି। ପ୍ରେମକାହାଣୀ ଉପରେ ଆଧାରିତ ଏହି ଉପନ୍ୟାସ 'ବ୍ରୋକେନ୍ ପ୍ରୋମିଜେସ୍' ଚଣ୍ଡିଗଡ଼ର ଏକ ପ୍ରକାଶନ ସଂସ୍ଥା ହ୍ୱାଇଟ ଫାଲକନ୍ ପବ୍ଲିଶର ପକ୍ଷରୁ ପ୍ରକାଶ କରାଯାଇଛି। ଏହାକୁ ଲେଖିବା ପାଇଁ ୬ମାସ ଲାଗିଥିବା ପ୍ରଭୁ ପ୍ରକାଶ କରିଛନ୍ତି। ନିଜର ଏହି ସାହିତ୍ୟ କୃତିକୁ ନେଇ ବେଶ୍ ଉତ୍ସାହିତ ଥିବା ପ୍ରଭୁ ସ୍କୁଲ ସମୟର ଇଚ୍ଛା ପୂରଣ ହୋଇଥିବା କହିଛନ୍ତି।

ପ୍ରଭୁଙ୍କ ଘର ଅନୁଗୋଳ ଜିଲା ତାଳଚେର ବ୍ଲକ ବଳରାମପ୍ରସାଦର ଗଡ଼ସାହିରେ। ବାପା ପ୍ରଦୋଷ କୁମାର ସିଂ ନାଲ୍‌କୋରେ କାର୍ଯ୍ୟ କରୁଥିବାରୁ ସେ ମା' ଜ୍ୟୋତ୍ସ୍ନାମୟୀ ସିଂଙ୍କ ସହ ନାଲ୍‌କୋ ଟାଉନଶିପ୍‌ରେ ରହୁଛନ୍ତି। ନିଜର ଏହି କୃତି ସମ୍ପର୍କରେ ପ୍ରଭୁ କହିଛନ୍ତି, ଜଣେ ବନ୍ଧୁଙ୍କ ଗ୍ରାମରେ ଜନୈକ ଯୁବକଙ୍କ ସହ ଘଟିଥିବା ଏକ ପାରିବାରିକ ଘଟଣା ତାଙ୍କୁ ଉପନ୍ୟାସ ଆକାରରେ ଉତ୍ତାରିବାକୁ ପ୍ରେରଣା ଯୋଗାଇଥିଲା। ପାରିବାରିକ ଚାପରେ କିପରି ସେହି ଯୁବକ ଜଣକ ନିଜ ବଡ଼ଭାଇଙ୍କ ଦୁଇ ପିଲା ଓ ବିଧବା ଭାଉଜଙ୍କୁ ଆପଣେଇବାକୁ ବାଧ୍ୟ ହୋଇଛନ୍ତି, ତାହାକୁ ସେ ଏଥିରେ ସ୍ଥାନିତ କରିଛନ୍ତି। ହେଲେ ମୁଖ୍ୟ ଚରିତ୍ରରେ ଥିବା ସେହି ଯୁବକଙ୍କ ବାସ୍ତବ ଜୀବନରେ ପ୍ରେମିକା ନ ଥିଲେ ବି ଉପନ୍ୟାସରେ କିନ୍ତୁ ପ୍ରଭୁ ତାଙ୍କୁ ଜଣେ ପ୍ରେମିକ ସଜାଇଛନ୍ତି। ଏହି ପ୍ରେମ ଓ ପାରିବାରିକ ବାଧ୍ୟବାଧକତାର କାହାଣୀକୁ ପୁସ୍ତକର ରୂପ ଦେବାକୁ ତାଙ୍କୁ ୬ ମାସ ଲାଗି ଯାଇଥିଲା। ୪ ମାସ ସେ କେବଳ ଲେଖିଥିଲେ। ତ୍ରୁଟି ସଂଶୋଧନ କରିବାକୁ ଆଉ ୨ ମାସ ନେଇଥିଲେ। ୪ ଥର ପ୍ରକାଶନ ସଂସ୍ଥା ନିକଟକୁ ଲେଖା ପଠାଇବା ପରେ ତାହାକୁ ପ୍ରକାଶ ପାଇଁ ଗ୍ରୀନ୍ ସିଗନାଲ ମିଳିଥିଲା ବୋଲି ପ୍ରଭୁ ପ୍ରକାଶ କରିଛନ୍ତି।




# ଭାଗବତ ଟୁଙ୍ଗି ନିର୍ମାଣ କଲେ ମହିଳା



**ବନ୍ତଲା, ୮।୭ (ଡି.ଏନ୍.ଏ.)**

ଅନୁଗୋଳ ବ୍ଲକ ବଡ଼କେରା ପଞ୍ଚାୟତ ପାଞ୍ଜିଆସାହି ଗ୍ରାମବାସୀଙ୍କ ଦୀର୍ଘ ବର୍ଷର ସ୍ୱପ୍ନ ସାକାର ହୋଇଛି। ଗ୍ରାମ୍ୟ ମହିଳା ପରିଚାଳନା କମିଟି ସଦସ୍ୟାମାନେ ଗ୍ରାମରେ ଏକ ଭାଗବତ ଟୁଙ୍ଗି ନିର୍ମାଣ କରିବାରେ ସଫଳ ହୋଇଛନ୍ତି। ସେହି ଟୁଙ୍ଗିରେ ଦୈନିକ ଭାଗବତ ପାଠ କରାଯାଇ ଗାଁରେ ଏକତା, ଭାଇଚାରା ବଢ଼ାଇବାକୁ ସେମାନେ ଲକ୍ଷ୍ୟ ରଖିଛନ୍ତି। ଗତ ୪ ତାରିଖ ରଥଯାତ୍ରା ଦିନ ଏହି ଭାଗବତ ଟୁଙ୍ଗି ନିର୍ମାଣ କରାଯାଇଥିଲା। ପଡ଼ୋଶୀ ଗ୍ରାମ ଦଳବେହେରା ସାହିରୁ ନାମ ସଂକୀର୍ତ୍ତନ ମଣ୍ଡଳୀ ଟୁଙ୍ଗିରେ ସଂକୀର୍ତ୍ତନ କରିଥିଲେ। ଏଠାରେ ଏକ ପକ୍କା ଘର ନିର୍ମାଣ କରିବାକୁ ଖୁବ୍‌ଶୀଘ୍ର ଜିଲା ପ୍ରଶାସନକୁ ଅନୁରୋଧ କରାଯିବ ବୋଲି ମହିଳା ପରିଚାଳନା କମିଟି ସଭାନେତ୍ରୀ ସୁନିତା ଦଳବେହେରା ପ୍ରକାଶ କରିଛନ୍ତି।

## ଫଟୋରେ ଖବର



ଅନୁଗୋଳ: ଆଡପ ମଣ୍ଡପରେ ଶ୍ରୀଜୀଉଙ୍କ ଲକ୍ଷ୍ମୀ ନାରାୟଣ ବେଶ।

### ସାନର ଶୁଦ୍ଧିକ୍ରିୟା ଦିନ ଦୁର୍ଘଟଣା, ବଡ଼ ଭାଇ ମୃତ

**ବନ୍ତଲା, ୮।୭(ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଲା ଥାନା ନୂଆଖେତା ଗ୍ରାମରେ ସୋମବାର ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମର ପ୍ରମୋଦ ନାଏକ(୪୮)ଙ୍କ ଶୁଦ୍ଧିକ୍ରିୟା ଦିନ ଏକ ଦୁର୍ଘଟଣାରେ ବଡ଼ ଭାଇ ପ୍ରଫୁଲ୍ଲ ନାଏକ(୫୨)ଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ପ୍ରକାଶ ଯେ, ବନ୍ତଲା ଥାନାରେ ଗ୍ରାମରକ୍ଷୀ ଭାବେ କାମ କରୁଥିବା ପ୍ରମୋଦଙ୍କ ଅସୁସ୍ଥତା ଯୋଗୁ ମୃତ୍ୟୁ ଘଟିଥିଲା। ରବିବାର ତାଙ୍କର ସୁଦ୍ଧିକ୍ରିୟା ଥିଲା। ପ୍ରଫୁଲ୍ଲ ତାଙ୍କ ଶ୍ୱଶୁର ଘର କୁକୁଡାଙ୍ଗରୁ ଭାଇର ଶୁଦ୍ଧିକ୍ରିୟାରେ ଯୋଗ ଦେବାକୁ ଆସିଥିଲେ। ପରେ ସାଇକେଲରେ ଶ୍ୱଶୁର ଘରକୁ ଫେରୁଥିବାବେଳେ ବନ୍ତଲା ଇଣ୍ଡେନ ଗ୍ୟାସ ଗୋଦାମ ନିକଟରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଖବରପାଇ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପ୍ରଫୁଲ୍ଲଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସୋମବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

# ରଥ ଭାଙ୍ଗିଲେ ମା' ଲକ୍ଷ୍ମୀ



**ଅନୁଗୋଳ ଅଫିସ, ୮।୭**

ଭଉଣୀ ଭାଇଙ୍କୁ ସାଙ୍ଗରେ ଧରି ପ୍ରଭୁ ଜଗନ୍ନାଥ ରଥରେ ଚଢ଼ି ଜନ୍ମବେଦୀ ଗୁଣ୍ଡିଚା ମନ୍ଦିର ଆସିଥିବାରୁ ମା' ଲକ୍ଷ୍ମୀଙ୍କ ରୋଷର ଶୀକାର ହୋଇଛି ନନ୍ଦିଘୋଷ ରଥ। ଜଗନ୍ନାଥଙ୍କୁ ସାଙ୍ଗରେ ଧରି ଗୁଣ୍ଡିଚା ମନ୍ଦିରକୁ ଆସିଥିବାରୁ ରାଗ ଶୁଝାଇବା ପାଇଁ ଲକ୍ଷ୍ମୀ ଠାକୁରାଣୀ ସୋମବାର ପାଟପାଟୁଆରରେ ଶୈଳଶ୍ରୀକ୍ଷେତ୍ରରୁ ବାହାରି ବଜାରଛକ, ବସଷ୍ଟାଣ୍ଡ ଦେଇ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଆସିଥିଲେ। ପରେ ରଥ ପ୍ରହରୀକୁ ପଚାରି ସ୍ୱାମୀଙ୍କ ସହ ଭେଟ କରିଥିଲେ। ଯିବା ସମୟରେ ରଥ ଖଳାରେ ଥିବା ନନ୍ଦିଘୋଷ ରଥକୁ ରାଗରେ ଭାଙ୍ଗି ଦେଇଥିଲେ। ବିନା ପାଟପଟୁଆରରେ ଥାନା ଛକ ଦେଇ ମା' ଲକ୍ଷ୍ମୀ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ପ୍ରବେଶ କରିଥିଲେ। ଅନ୍ୟପକ୍ଷରେ ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉ ସୋମବାର ଲକ୍ଷ୍ମୀ ନାରାୟଣ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସେହିପରି ଗୁଣ୍ଡିଚା ମନ୍ଦିରରେ ଶୈଳଶ୍ରୀକ୍ଷେତ୍ର ପକ୍ଷରୁ ଆୟୋଜନ ହୋଇଥିବା ଶ୍ରୀ ଗୁଣ୍ଡିଚା ଭଜନ ସମାରୋହର ୪ର୍ଥ ସନ୍ଧ୍ୟାରେ ନୃତ୍ୟ ନିଳୟ ପକ୍ଷରୁ ଜଗନ୍ନାଥ ସଂସ୍କୃତି ଆଧାରିତ ଓଡ଼ିଶୀ ନୃତ୍ୟ କଳାକାରମାନେ ପରିବେଷଣ କରିଥିଲେ। କଳାକାରମାନେ ଜଗନ୍ନାଥଙ୍କର ବେଶ ଠାରୁ ଆରମ୍ଭ କରି ସଂସ୍କୃତିକୁ ନୃତ୍ୟ ମାଧ୍ୟମରେ ଦର୍ଶକଙ୍କ ନିକଟରେ ପହଞ୍ଚାଇଥିଲେ। ହେରାପଞ୍ଚମୀ ସାଙ୍ଗକୁ ଶ୍ରୀଜୀଉମାନଙ୍କ ଲକ୍ଷ୍ମୀ ନାରାୟଣ ବେଶ ଓ ନୃତ୍ୟ ନିଳୟର କଳାକାରମାନେ ଭକ୍ତଙ୍କୁ ବେଶ କିଛି ସମୟ ପାଇଁ ବାନ୍ଧି ରଖିଥିଲେ। ସେହିପରି ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ତଥା ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ମଧ୍ୟ ସୋମବାର ଗୁଣ୍ଡିଚା ମନ୍ଦିରକୁ ଆସି ଶ୍ରୀଜୀଉଙ୍କ ଦର୍ଶନ କରିଛନ୍ତି।

- ଟ୍ରକ୍ ଚାଳକ, ହେଲ୍‌ପରଙ୍କ ଆନ୍ଦୋଳନ

# ୨ ଦିନ ହେଲା ଖଣି କାର୍ଯ୍ୟ ବାଧାପ୍ରାପ୍ତ

**କଣିହାଁ, ୮।୭(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ସ୍ଥିତ ଏମ୍‌ସିଏଲର କଣିହାଁ କୋଇଲା ଖଣିରେ ଟ୍ରକ୍ ଚାଳକ ଓ ହେଲପର ରବିବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଏଥିଯୋଗୁ ୨ ଦିନ ହେଲା କୋଇଲା ଖନନ, ଉତ୍ତୋଳନ ଓ ପରିବହନ କାମ ବାଧାପ୍ରାପ୍ତ ହୋଇଛି। ଏ ନେଇ ହେଉଥିବା କ୍ଷତି ବାବଦରେ ଖନନ ଓ ପରିବହନ କାମ ନେଇଥିବା ଠିକାସଂସ୍ଥା ଭିଏଫ୍‌ପିଏଲ ସୋମବାର କଣିହାଁ ଥାନାରେ ଜଣାଇଛି। ଏ ନେଇ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରାଯାଇଥିଲେ ହେଁ ତାହା ବିଫଳ ହୋଇଥିବା ଜଣାପଡିଛି। ଆନ୍ଦୋଳନକାରୀଙ୍କ ଅଭିଯୋଗ ମୁତାବକ, କୋଇଲା ଖଣିରେ କ୍ଷତିଗ୍ରସ୍ତ ହୋଇଥିବା ସ୍ଥାନୀୟ ଯୁବକମାନେ ଟ୍ରକ୍‌ରେ କୋଇଲା ପରିବହନ କାମରେ ନିୟୋଜିତ ହୋଇଛନ୍ତି। କାର୍ଯ୍ୟ କରିବା ପୂର୍ବରୁ ହାଜିରା ପଡୁଥିଲେ ମଧ୍ୟ ଠିକାସଂସ୍ଥା ଓ ଖଣିର ଟାଇମ ଅଫିସରେ କାମ ସମୟକୁ ନେଇ ତାଳମେଳ ରହୁନି। ଏଥିସହ ସେମାନଙ୍କୁ ବୋନସ ଓ ଅନ୍ୟାନ୍ୟ ସୁବିଧାରୁ ବଞ୍ଚିତ କରାଯାଉଛି। ସେହିପରି କମ୍ପାନୀ ପକ୍ଷରୁ ଲାଗୁ ହୋଇଥିବା ନୋ ୱାର୍କ ନୋ ପେକୁ ବିରୋଧ କରାଯାଇଛି। ତୁରନ୍ତ ଏହି ସବୁ ସମସ୍ୟାର ସମାଧାନ କରାଯିବାକୁ ଦାବି ହୋଇଛି। ଏ ସମ୍ପର୍କରେ କଣିହାଁ ଥାନା ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ କୁହନ୍ତି, ଠିକାସଂସ୍ଥାର ଚାଳକ, ହେଲପର ଆନ୍ଦୋଳନ କରିଛନ୍ତି। ଆଲୋଚନା ସତ୍ତ୍ୱେ ସୁଫଳ ମିଳିନାହିଁ। ଖଣି ପ୍ରକଳ୍ପ ଅଧିକାରୀ ନାରାୟଣ ପ୍ରସାଦ ପାତ୍ର କହିଛନ୍ତି, ବିନା କାରଣରେ ଆନ୍ଦୋଳନ ଚାଲିଛି। କୌଣସି ସମସ୍ୟା ବିଷୟରେ ଆଗରୁ ଜଣାଯାଇ ନ ଥିଲା। ସମାଧାନ ପାଇଁ ଉଦ୍ୟମ ଜାରି ରହିଛି।

- ଅନ୍ତୁଲିଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ନାହାନ୍ତି ଆବଶ୍ୟକ ଶିକ୍ଷକ

# ପ୍ରଶାସନକୁ ୭ ଦିନ ସମୟ ଦେଲେ ଗ୍ରାମବାସୀ

**ଅନୁଗୋଳ ଅଫିସ, ୮।୭**

ଅନୁଗୋଳ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଆସୁଥିବା ଅନ୍ତୁଲିଆ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ତୁଳନାରେ ଶିକ୍ଷକ ନାହାନ୍ତି। ଏ ନେଇ ବହୁବାର ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିଲେ ବି ସମସ୍ୟାର ସମାଧାନ ହୋଇପାରି ନାହିଁ। ସୋମବାର ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସ୍କୁଲରେ ଅଧିକ ଶିକ୍ଷକ ନିଯୁକ୍ତି ପାଇଁ ଦାବି କରିଛନ୍ତି।

ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ବିଦ୍ୟାଳୟରେ ୩ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଥିବାବେଳେ ଶିକ୍ଷାଦାନ ପାଇଁ ରହିଛନ୍ତି ୭ ଜଣ ଶିକ୍ଷୟିତ୍ରୀ ଶିକ୍ଷକ। ଏଠାରେ ଥିବା କେତେଜଣ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ସେମାନେ ଅନ୍ତୁଲିଆ ବିଦ୍ୟାଳୟରୁ ଦରମା ନେଉଥିବାବେଳେ ଅନ୍ୟ ସ୍କୁଲରେ ଶିକ୍ଷାଦାନ କରୁଛନ୍ତି। ତେଣୁ ସେମାନଙ୍କୁ ତୁରନ୍ତ ବିଦ୍ୟାଳୟକୁ ଫେରାଇ ଆଣିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଆସନ୍ତା ୭



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

ଦିନ ମଧ୍ୟରେ ଅଧିକ ଶିକ୍ଷକ ନିଯୁକ୍ତି କରା ନ ଗଲେ ପିଲାମାନଙ୍କୁ ପାଠ ପଢ଼ିବାକୁ ଛାଡ଼ିବେ ନାହିଁ ବୋଲି ଗ୍ରାମବାସୀ ନିଷ୍ପତ୍ତି ନେଇଥିବା ପ୍ରଶାସନକୁ ଜଣାଇ ଦେଇଛନ୍ତି। ଏ ନେଇ ଗ୍ରାମବାସୀ ସୋମବାର ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମର ବିଜୟ ଦେହୁରୀ, ସତ୍ୟାନନ୍ଦ ମୁଦୁଲି, ରୁନୁ ଦେହେରୀ, ଚନ୍ଦନ ମଲ୍ଲିକ, ଗୋବିନ୍ଦ ବେହେରା, ଲିଜାରାଣୀ ବେହେରା, ରଞ୍ଜନ କୁମାର ଦାଶ, ସନ୍ତୋଷ ଦେହୁରୀ, ସବିତା ସ୍ୱାଇଁ, ସୁମନ୍ତ ଗଡ଼ନାୟକ, ବିଶ୍ୱନାଥ ଗଡ଼ନାୟକ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଥିଲେ। ଏ ନେଇ ଜିଲା ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ଯେ, ବିଦ୍ୟାଳୟରେ ଅଧିକ ଶିକ୍ଷକ ନିଯୁକ୍ତି ଦିଆଯିବ। ଏ ନେଇ ପ୍ରକ୍ରିୟା ଜାରି ରହିଛି। ତେଣୁ ଗ୍ରାମବାସୀ ଧୈର୍ଯ୍ୟ ଧରନ୍ତୁ ବୋଲି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

### ଜନଶୁଣାଣିରେ ୮୨ ଅଭିଯୋଗ

**ତାଳଚେର, ୮।୭(ନି.ପ୍ର.)**

ତାଳଚେର ପଞ୍ଚାୟତ ସମିତି ସଭାଘରଠାରେ ସୋମବାର ପୂର୍ବାହ୍ନରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି, ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ର, ତାଳଚେର ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରାଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଶିବିରରେ ମୋଟ ୮୨ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୭୨ଟି ବ୍ୟକ୍ତିଗତ ଏବଂ ୧୦ଟି ଗ୍ରାମ ସମ୍ବନ୍ଧୀୟ ରହିଥିଲା। ଜିଲାପାଳ ଅଭିଯୋଗଗୁଡ଼ିକୁ ଶୁଣିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୫ ହଜାର ଟଙ୍କା ଏବଂ ସିଏମଆରଏଫ ପାଣ୍ଠିରୁ ଜଣକୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ମହିଷମର୍ଦ୍ଦିନୀଙ୍କ ପୀଠରୁ ଚୋରି




ଛେଣ୍ଡିପଦା, ୮।୭(ସ୍ୱ.ପ୍ର.)- ଛେଣ୍ଡିପଦା ଥାନା ସନ୍ତରାବନ୍ଧ ଗ୍ରାମ ଉସ୍ତପଶିଠାରେ ଥିବା ମା' ମହିଷମର୍ଦ୍ଦିନୀଙ୍କ ପୀଠରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସକାଳ ୭ଟା ବେଳେ ପୀଠରେ ପାର୍କ କାମ ଦେଖିବା ପାଇଁ ଗ୍ରାମର ଶିକ୍ଷକ ମଳୟ ପ୍ରଧାନ ଆସିଥିବାବେଳେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ଗ୍ରାମବାସୀଙ୍କୁ ଜଣାଇଥିଲେ। ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିର ଦାନବାକ୍ସର ତାଲା ଭାଙ୍ଗି ଟଙ୍କା ନେବା ସହ ମା'ଙ୍କ ମଥାରୁ ୫ ଗ୍ରାମ ଓଜନର ଦୁଇଟି ମଥାମଣି, ଘଣ୍ଟ ଘଣ୍ଟି, ପିତଳ ଥାଳି, ପୂଜା ସରଞ୍ଜାମ ଆଦି ଚୋରି କରି ନେଇଥିବା ଜଣାପଡିଥିଲା। ଏ ନେଇ ଗ୍ରାମବାସୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ସତ୍ୟବ୍ରତ ରାଉତ କହିଛନ୍ତି।

### ଅଟୋ-କାର୍ ଧକ୍କା, ୨ ଆହତ

ଅନୁଗୋଳ ଅଫିସ, ୮।୭- ଅନୁଗୋଳ କାଙ୍ଗୁଲା ଗୋଡ଼ିସାହିରେ ସୋମବାର ରାତିରେ ଏକ ଅଟୋ (ନଂ.ଓଡି-୧୯ଜି-୯୧୮୯) ଏବଂ ଏକ କାର୍ (ଓଡି-୧୯-ଏ-୧୦୪୯) ମଧରେ ଧକ୍କା ହୋଇଛି। ଏଥିରେ ଅଟୋ ଡ୍ରାଇଭର ଓ ଅଟୋରେ ବସିଥିବା ଜଣେ ଯାତ୍ରୀ ଆହତ ହୋଇଛନ୍ତି। ଅଟୋଟି ଅନୁଗୋଳରୁ ମହୀଧରପୁର ରାସ୍ତାରେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା କାର୍ ସହିତ ଧକ୍କା ହୋଇଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ହୋଇ ନ ଥିବା ସୂଚନା ମିଳିଛି।

### ଦୁଇ କାନ୍ଥ ମଝିରେ ଗାଈ



ଅନୁଗୋଳ ଅଫିସ, ୮।୭- ଅନୁଗୋଳ ସହର ଅମଲାପଡ଼ା ସିଣ୍ଡିକେଟ ବ୍ୟାଙ୍କ ସମ୍ମୁଖରେ ଥିବା ଏକ ଦୋକାନ କାନ୍ଥ ଓ ଅଧା ନିର୍ମିତ ପାଚେରି ମଧ ଗଳିରେ ସୋମବାର ମଧାହ୍ନରେ ଏକ ଗାଈ ପଶିଯାଇ କଲବଲ ହୋଇଥିଲା। ଗଳି ମଧରୁ ବାହାରିବାକୁ ବହୁ ଚେଷ୍ଟା କରିଥିଲେ ବି ବାହାରିପାରି ନ ଥିଲା। ଏହା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଫୋନ କରିଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ସେଠାରେ ପହଞ୍ଚି ଉକ୍ତ ପାଚେରିକୁ ଭାଙ୍ଗିଥିଲେ। ପ୍ରାୟ ଅଧଘଣ୍ଟାର ପରିଶ୍ରମ ପରେ ଗାଈଟିକୁ ଉଦ୍ଧାର କରାଯାଇଥିଲା।

### ଗୋଷ୍ଠୀ ସଂଘର୍ଷ, ୮ ଆହତ

ଅନୁଗୋଳ ଅଫିସ, ୮।୭- ଅନୁଗୋଳ ପଞ୍ଚମହଲାଠାରେ ଥିବା ହରିଜନ ସାହିରେ ଦୁଇ ଗୋଷ୍ଠୀ ମଧରେ ଗଣ୍ଡଗୋଳ ହୋଇଛି। ଏହି ଗଣ୍ଡଗୋଳରେ ଉଭୟ ପକ୍ଷରେ ୮ ଜଣ ଆହତ ହୋଇଥିବା ସୂଚନା ମିଳିଛି। ଆହତମାନଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ପ୍ରକାଶ ଯେ, ପଞ୍ଚମହଲା ହରିଜନ ସାହିରେ ସୋମବାର ରାତିରେ ଗୋଟିଏ ଗୋଷ୍ଠୀର ଦୁଇ ଜଣ ପିଲା ଯାଉଥିବାବେଳେ ଅନ୍ୟ ଗୋଷ୍ଠୀର ଜଣେ ଯୁବକ ତାଙ୍କୁ କମେଣ୍ଟ ମାରିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧରେ ଗଣ୍ଡଗୋଳ ହୋଇଥିବା ସୂଚନା ମିଳିଛି। ପୋଲିସ ଘଟଣାସ୍ଥଳକୁ ଯିବା ପରେ ପରସ୍ଥିତି ଶାନ୍ତ ପଡ଼ିଥିଲା। ଏ ନେଇ ଥାନାରେ ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ମାମଲା ହୋଇ ନ ଥିବା ଥାନା ଅଧିକାରୀ କହିଛନ୍ତି।

### କେନାଲରୁ ମୃତଦେହ ଉଦ୍ଧାର

ତାଳଚେର,୮।୭(ନି.ପ୍ର.)- ତାଳଚେର ସହର ନିକଟସ୍ଥ କେନାଲରୁ ସୋମବାର ପୋଲିସ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ଉଦ୍ଧାର ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଉପଖଣ୍ଡ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। କେନାଲରେ ଏକ ଶବ ଭାସୁଥିବା ସମ୍ପର୍କରେ ସକାଳେ ପୋଲିସକୁ ଖବର ମିଳିଥିଲା। ରିପୋର୍ଟ ଲେଖାହେବା ବେଳକୁ ମୃତ ବ୍ୟକ୍ତିଙ୍କ ପରିଚୟ ପୋଲିସକୁ ମିଳିପାରି ନାହିଁ।

## ଜିଲାସ୍ତରୀୟ ବନ ମହୋତ୍ସବ

# ୩ ସମିତିକୁ ବିଜୁ ପଟ୍ଟନାୟକ ପୁରସ୍କାର

**ଅନୁଗୋଳ ଅଫିସ, ୮।୭**



କାର୍ଯ୍ୟକ୍ରମରେ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

ଜିଲାସ୍ତରୀୟ ୭୦ତମ ବନ ମହୋତ୍ସବ ଡେରଜାଙ୍ଗ ଡ୍ୟାମ ନିକଟରେ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାର ୩ଟି ବନ ସୁରକ୍ଷା ସମିତିକୁ ଜଙ୍ଗଲ ଓ ଜୈବବିବିଧତା ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଉପଖଣ୍ଡସ୍ତରୀୟ ବିଜୁ ପଟ୍ଟନାୟକ (ଜଙ୍ଗଲ ଓ ଜୈବ ବିବିଧତା ସୁରକ୍ଷା) ପୁରସ୍କାର ପ୍ରଦାନ କରାଯାଇଛି। ଏହି ସମିତି ହେଲା ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡର କୁମୁରି ବନ ସୁରକ୍ଷା ସମିତି, ତାଳଚେରର ଖଇରନାଳୀ ଓ ଆଠମଲ୍ଲିକର ହରିହରପୁର ବନ ସୁରକ୍ଷା ସମିତି। ଏମାନଙ୍କୁ ପ୍ରମାଣପତ୍ର ସହ ୨୦ ହଜାର ଟଙ୍କା ଲେଖାଏର ଚେକ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ସହିତ ଏସ୍‌ପି ମିତ୍ରଭାନୁ ମହାପାତ୍ର, ଡିଏଫ୍‌ଓ କାର୍ତ୍ତିକ. ଭି, ଆଠମଲ୍ଲିକ ଡିଏଫ୍‌ଓ ସମ୍ୟକ ସାମନ୍ତରାୟ ଓ ସହକାରୀ ବନ ସୁରକ୍ଷା ସଂରକ୍ଷକ ସାଇ କିରନ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ଏନ୍‌ଟିପିସି ରୋପଣ କରିବ ୫୦ ହଜାର ଚାରା

**ତାଳଚେର, ୮।୭(ନି.ପ୍ର.)**

କଣିହାଁସ୍ଥିତ ଏନ୍‌ଟିପିସି ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମୁଖ୍ୟ ମହାପ୍ରବନ୍ଧକ ରମେଶ ବାବୁ ଭି. ଯୋଗ ଦେଇ ବନ ମହୋତ୍ସବ ପାଳନ ଅବସରରେ ବୃକ୍ଷରୋପଣ ସହ ପ୍ରଦୂଷଣ ନିରାକରଣ ଉପରେ ଗୁରୁତ୍ୱ ଦେଇଥିଲେ। ୨୦୧୯-୨୦ରେ ଏହି ପ୍ରକଳ୍ପ ପକ୍ଷରୁ ୫୦ ହଜାର ଚାରା ଓଏଫ୍‌ଡିସି ମାଧ୍ୟମରେ ଲାଗାଯିବ। ତେଣୁ ଅନ୍ୟମାନେ ମଧ ଅଧିକରୁ ଅଧିକ ଗଛ ଲଗାଇ ସବୁଜ ବଳୟ ସୃଷ୍ଟି କରିବାକୁ ମହାପ୍ରବନ୍ଧକ ଆହ୍ୱାନ ଦେଇଥିଲେ। ସିଜିଏମ୍ ସୁଦୀପ ନାଗ, ଜେନେରାଲ ମ୍ୟାନେଜର ଏନ.ଏସ. ରାଓ, ନବୀନ ବାଗି, କେ. କେ. ଦାସ, ରାଜୀବ ଖାନା, ପି. ଶିବାରାମକ୍ରିଷ୍ଣ, ଏଜିଏମ୍ କେ.ଏସ. ଶର୍ମା, ଏସ.ଏସ. ପ୍ରଧାନ, ତନଭି ସଙ୍ଗମ ସଭାପତି ବାଣୀ ଭି.ଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ, ୟୁନିୟନ ପ୍ରତିନିଧି ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ।

## କମ୍ପସଲା ହାଇସ୍କୁଲ ଶ୍ରେଣୀଗୃହ ଉଦ୍‌ଘାଟିତ



ନୂତନ ଶ୍ରେଣୀଗୃହ ଉଦ୍‌ଘାଟନ ଅବସରରେ ଅତିଥି ଓ ଅନ୍ୟମାନେ।

**ଛେଣ୍ଡିପଦା, ୮।୭(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କମ୍ପସଲା ନୋଡାଲ ଉଚ୍ଚ ବିଦ୍ୟାଳୟରେ ୪ଟି ଶ୍ରେଣୀଗୃହ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୌଭାଗ୍ୟ ଚନ୍ଦ୍ର ଗଡନାୟକଙ୍କ ଦ୍ୱାରା ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ, ସମ୍ମାନିତ ଅତିଥି ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ସାହୁ, କମ୍ପସଲା ସରପଞ୍ଚ ଉଜ୍ଜ୍ୱଳ ପ୍ରଧାନ, ସମିତିସଭ୍ୟା ବବିତା ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୟ କୁମାର ସାହୁ, ଭଜମନ ଗଡନାୟକ, ସୁରେଶ ଚନ୍ଦ୍ର ସାହୁ, ବିଜେଡି ଯୁବନେତା ରାକେଶ ନାଥ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଉନ୍ନତି ଉପରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ବଂଶୀଧର ଦେହୁରୀ ସଭା ପରିଚାଳନା କରିଥିଲେ। ଶିକ୍ଷକ ସଙ୍ଗୀତା ସାହୁ, ପରିକ୍ଷିତ ଦେହୁରୀ, ଗଜାନନ ପ୍ରଧାନ, ସହଦେବ ସାହୁ, ସୁବୋଧ କୁମାର ସାହୁ, ପ୍ରାଣନାଥ ବେହେରା, ପ୍ରତିମା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ମନ୍ଦିର ପ୍ରାଙ୍ଗଣରେ ଗଛ ପଡ଼ି ବାଇକ୍ ଚୂର୍‌ମାର



ମନ୍ଦିର ପରିସରରେ ଗଛ ଭାଙ୍ଗି ଯାଇଛି।

**ପାଲଲହଡ଼ା, ୮।୭(ଡି.ଏନ.ଏ.)**

ପାଲଲହଡ଼ା ଉପଖଣ୍ଡର ପ୍ରସିଦ୍ଧ ଶୈବପୀଠ ଖୁଲୁଡି ଗିରିଶ୍ୱର ମନ୍ଦିର ପ୍ରାଙ୍ଗଣରେ ସୋମବାର ଏକ ବଡ ଶାଳ ଗଛ ଭାଙ୍ଗି ପଡିଥିଲା। ସେଠାକୁ ଜଣେ ଶ୍ରଦ୍ଧାଳୁ ପୂଜା କରିବାକୁ ଆଣିଥିବା ନୂଆ ବାଇକ୍ ଉପରେ ଏହା ପଡିବାରୁ ଗାଡ଼ିଟି ଭାଙ୍ଗିରୁଜି ଯାଇଛି। ଏଥିସହ ସେଠାରେ ପୂଜା କରୁଥିବା ଶତାଧିକ ଶ୍ରଦ୍ଧାଳୁ ଓ ପୂଜକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବର ପାଇ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଦିଲୀପ କୁମାର ଉଦବଳ ପହଞ୍ଚିଥିଲେ। ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବା ସହ ଭାଙ୍ଗି ଯାଇଥିବା ଗଛକୁ ତୁରନ୍ତ ହଟାଇବା ପାଇଁ ବନବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହ ପାଲଲହଡା ଉପଜିଲାପାଳ ଅଜିତ କୁମାର ପ୍ରଧାନଙ୍କ ସହ ଆଲୋଚନା କରିଥିଲେ। ଝାରବେଡା ସରପଞ୍ଚ କୀର୍ତ୍ତନ ନାୟକ, ନବକିଶୋର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ପ୍ରାଙ୍ଗଣରେ ବିପଦସଙ୍କୁଳ ଅବସ୍ଥାରେ ଥିବା ଅନ୍ୟ ଗଛଗୁଡିକୁ କଟାଯିବା ପାଇଁ ସାଧାରଣରେ ଦାବି ହୋଇଛି।

## ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି

**ଅନୁଗୋଳ ଅଫିସ, ୮।୭**

ଅନୁଗୋଳସ୍ଥିତ ବାଜି ରାଉତ ଛାତ୍ରାବାସ, ଉତ୍କଳ ନବଜୀବନ ମଣ୍ଡଳ, ମାଳତୀ ଚୌଧୁରୀ ଓ ନବକୃଷ୍ଣ ଚୌଧୁରୀ ଟ୍ରଷ୍ଟ ଆନୁକୂଲ୍ୟରେ ଛାତ୍ରାବାସର ଶାନ୍ତିକୁଟିରରେ ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ବାଜି, ନବଜୀବନ ମଣ୍ଡଳର କର୍ମୀ ତଥା ପ୍ରାକ୍ତନ ସଭାପତି ଧୋବେନ୍ଦ୍ରୀ ମହାପାତ୍ର ଏବଂ ନବଜୀବନ ମଣ୍ଡଳ ତଥା ଭୂଦାନ କର୍ମୀ ପ୍ରଫେସର ଭଗବତ ପ୍ରସାଦ ରଥଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଇଂ. ଧନେଶ୍ୱର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. କୁମୁଦ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ଭାବେ ପ୍ରଫେସର ଶାନ୍ତନୁ କୁମାର ସର, ସମ୍ମାନିତ ଅତିଥି ଭାବେ ଡ. ଇନ୍ଦିରା ଦାଶ, ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, କବି ରବିନାରାୟଣ ବିଶ୍ୱାଳ, ମୁରଲିଧର ମୂଳିଆ ପ୍ରମୁଖ ଯୋଗଦେଇ ଉପରୋକ୍ତ ସଂଗ୍ରାମୀମାନଙ୍କ ସ୍ମୃତିଚାରଣ କରିଥିଲେ। ଲିପିକା ମହାପାତ୍ର, ଛାତ୍ରାବାସ ସମ୍ପାଦକ ଭାବଗ୍ରାହୀ ନାୟକ, କୈଳାସ ଚନ୍ଦ୍ର ସାହୁ, ସରସ୍ୱତୀ ସ୍ୱାଇଁ, ରାହାସ ଚନ୍ଦ୍ର ବୀର, ଲକ୍ଷ୍ମୀକାନ୍ତ ବିଶ୍ୱାଳ, ନାରାୟଣ ମିଶ୍ର, ଶଙ୍କର୍ଷଣ ବେହେରା, ଜୟକୃଷ୍ଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିବରାମ ମିଶ୍ର ସ୍ୱାଗତ ଭାଷଣ ଓ ସୁଜାତା ପ୍ରୀତିନନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ।

## ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଆରମ୍ଭ

**ଅନୁଗୋଳ ଅଫିସ, ୮।୭**



ଅନୁଗୋଳରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଉଛନ୍ତି।

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଅନୁଗୋଳ ଜିଲାରେ ସୋମବାର ଆରମ୍ଭ ହୋଇଛି। ଜିଲାରେ ମୋଟ ୬ଟି ସ୍ଥାନରେ ପରୀକ୍ଷା କେନ୍ଦ୍ର ହୋଇଥିବାବେଳେ ୭୪୨ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ସେହିପରି ୨୬୦ ଛାତ୍ରୀଛାତ୍ର ମୁକ୍ତ ବିଦ୍ୟାଳୟ ପରୀକ୍ଷା ଦେଉଥିବା ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଆସନ୍ତା ୧୩ ତାରିଖରେ ପରୀକ୍ଷା ଶେଷ ହେବ। ପ୍ରଥମ ଭାଷା ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ୧୧.୩୦ରେ ଶେଷ ହୋଇଥିଲା। ପ୍ରଥମ ଦିନ ପରୀକ୍ଷାରେ କୌଣସି ଛାତ୍ରୀଛାତ୍ର ଅସାଧୁ ଉପାୟ ଅବଲମ୍ବନ କରି ଧରା ପଡି ନ ଥିବା ମଧ ଡିଇଓଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଜିଲାରେ ଅନୁଗୋଳ, କୁଲାଡ଼, ତାଳଚେର, କଣିହାଁ, ପାଲଲହଡ଼ା ଓ ବଣ୍ଡାରେ ଗୋଟିଏ ଲେଖାଏଁ ପରୀକ୍ଷା କେନ୍ଦ୍ର କରାଯାଇଛି।

## ଗଛ ଲଗାଇବାକୁ ପରାମର୍ଶ




**ଛେଣ୍ଡିପଦା/ପାଲଲହଡ଼ା, ୮।୭ (ସ୍ୱ.ପ୍ର.) (ଡି.ଏନ.ଏ.)**

ଜରପଡା ବନାଞ୍ଚଳ ତଥା ପ୍ରକୃତିପରିବେଶ ଓ ବନ୍ୟ ଜୀବନ ସମିତି ମିଳିତ ଆନୁକୂଲ୍ୟରେ କତଡା ପଞ୍ଚାୟତ ଧଉରାବଣି କୋଡାସାହି ପ୍ରାଥମିକ ବିଦ୍ୟାଳୟଠାରେ ବନମହୋତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ହୃଦାନନ୍ଦ ନାଏକ, ଫରେଷ୍ଟର ଲୋକନାଥ ପ୍ରଧାନ, ଫରେଷ୍ଟ ଗାର୍ଡ ଟିକେଶ୍ୱର ନାୟକ, ବିଜୟ ନାଏକ, ମନମୋହନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଛେଣ୍ଡିପଦା ଫରେଷ୍ଟ ରେଞ୍ଜ ଅଫିସ ପକ୍ଷର ବ୍ରାହ୍ମଣବିଲ ପଞ୍ଚାୟତ ଟାକୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବନମହୋତ୍ସବ ପାଳନ ଅବସରରେ ଫରେଷ୍ଟ ରେଞ୍ଜ ଅଫିସର ଦୁର୍ଗାଚରଣ ସାହୁ, ଫରେଷ୍ଟର ଦୀପକ ସେଠୀ, ଗାର୍ଡ ଦୀନବନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଦେବଗଡ଼ ବନଖଣ୍ଡ ପାଲଲହଡା ଏବଂ ଖମାର ବନାଞ୍ଚଳ ଅଧୀନ ପାଉଁସିଆ ବିଟଠାରେ ଏବଂ ରଞ୍ଜ ଉଚ୍ଚବିଦ୍ୟାଳୟଠାରେ ବୃକ୍ଷରୋପଣ କରାଯାଇଛି। ମୁଖ୍ୟଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଲ, ସମ୍ମାନିତ ଅତିଥି ଦେବଗଡ଼ ଡିଏଫଓ, ପାଲଲହଡା ଉପଜିଲାପାଳ ଅଜିତ କୁମାର ପ୍ରଧାନ, ଉପଖଣ୍ଡ ପୋଲିସ ଅଧିକାରୀ ଯଶୋବନ୍ତ ସମଲ, ବ୍ଲକ ଉପାଧକ୍ଷା ଲିଲି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ନାଲ୍‌କୋ ଗୁଣ୍ଡିଚା ମନ୍ଦିରରେ ହେରାପଞ୍ଚମୀ

**ବଅଁରପାଳ,୮।୭(ଡି.ଏନ.ଏ.)**

ନାଲ୍‌କୋସ୍ଥିତ ଗୁଣ୍ଡିଚା ମନ୍ଦିରରେ ସୋମବାର ହେରାପଞ୍ଚମୀ ପାଳିତ ହୋଇଯାଇଛି। ଜଗନ୍ନାଥ ମନ୍ଦିରରୁ ମହଲକ୍ଷ୍ମୀଙ୍କୁ ବାଦ୍ୟବାଜଣା ସହକାରେ ଶୋଭାଯାତ୍ରାରେ ଗୁଣ୍ଡିଚା ମନ୍ଦିରକୁ ଅଣାଯାଇଥିଲା। ଏହାପରେ ମହାଲକ୍ଷ୍ମୀଙ୍କ ଜଗନ୍ନାଥଙ୍କ ସହ ଭେଟ ହୋଇଥିଲା। ଦେବୀ ଲକ୍ଷ୍ମୀ ରାଗିଯାଇ ଶ୍ରୀ ନଗର ଫେରିଲା ବେଳକୁ ରଥ କାଠ ଭାଙ୍ଗି ଦେଇଥିଲେ। ମନ୍ଦିରରେ ପ୍ରସାଦସେବନ, ପ୍ରବଚନ ଓ ଭଜନ କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷାଦାନ କରନ୍ତୁ ଶିକ୍ଷକ



ବିଧାୟକ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରୁଛନ୍ତି।

**ବଣ୍ଡା,୮।୭(ଡି.ଏନ.ଏ.)**

ଶିକ୍ଷାର ବିକାଶ ଲାଗି ସରକାର ଅନେକ ଯୋଜନା ପ୍ରଚଳନ କରିଛନ୍ତି। ପ୍ରାଥମିକ ସ୍ତରରୁ ଶିକ୍ଷାକୁ ସୁଦୃଢ କରିବା ପାଇଁ ଶିକ୍ଷକ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ କରିବାକୁ ହେଲେ ଉତ୍ତମ ଶିକ୍ଷାଦାନ କରନ୍ତୁ ବୋଲି ଶନିବାର ଆଠମଲ୍ଲିକ ବ୍ଲକ ପାଇକସାହି ନିକଟସ୍ଥ ତାଳବାହାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଅଚାନକ ଗସ୍ତରେ ଯାଇ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ବିଧାୟକ ସାଏ ବିଦ୍ୟାଳୟର ଶିକ୍ଷକମାନଙ୍କ ସହ ଆଲୋଚନା କରିବା ସହ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହିତ ଛାତ୍ରୀଛାତ୍ରଙ୍କ ପାଇଁ ସରକାରଙ୍କ ପକ୍ଷରୁ ଆସୁଥିବା ସମସ୍ତ ସାମଗ୍ରୀଗୁଡ଼ିକ ଦିଆଯାଉଛି ନା ନାହିଁ ତଦାରଖ କରିବା ସହ ମଧାହ୍ନ ଭୋଜନ ଯାଞ୍ଚ କରିଥିଲେ। ଅନ୍ୟମାନଙ୍କ ମଧରେ ପ୍ରଧାନଶିକ୍ଷକ ରତ୍ନାକର ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଗ୍ରାମବାସୀ ଉପସ୍ଥିତ ଥିଲେ।

## ସବୁଜ ପରିବେଶ ସୃଷ୍ଟି ପାଇଁ ଆହ୍ୱାନ

**ଅନୁଗୋଳ ଅଫିସ, ୮।୭**



ଛାତ୍ରୀଛାତ୍ରମାନେ ବନ ମହୋତ୍ସବ ପାଳନ ଅବସରରେ ବୃକ୍ଷରୋପଣ କରୁଛନ୍ତି।

ଅନୁଗୋଳ ବନଖଣ୍ଡର ଗୁରଙ୍ଗ ବନ ସୁରକ୍ଷା ସମିତିରେ ୭୦ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଅନୁଗୋଳ ବନାଞ୍ଚଳ ଓ ପ୍ରକୃତି ପରିବେଶ ବନ୍ୟଜୀବନ ସମିତି ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମରେ ସମିତିର କୋଷାଧ୍ୟକ୍ଷ ବିଶ୍ୱନାଥ ନାଏକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସହକାରୀ ବନ ସଂରକ୍ଷକ ତଥା ଅନୁଗୋଳ ବନାଞ୍ଚଳ ଭାରପ୍ରାପ୍ତ ଅଧିକାରୀ ସାଇ କିରନ୍ ଡିଏନ୍ (ଆଇଏଫ୍‌ଏସ୍), ଏସିଏଫ୍ ବାସୁଦେବ ନାୟକ, ମୁଖ୍ୟବକ୍ତା ନିୟୁଜ୍‌ର ମୁଖ୍ୟ ପ୍ରସନ୍ନ କୁମାର ବେହେରା ପ୍ରମୁଖ ଯୋଗଦେଇ ଗ୍ରାମବାସୀ ଓ ଛାତ୍ରୀଛାତ୍ରମାନେ ସଚେତନ ହୋଇ ସୁସ୍ଥ ସବୁଜ ପରିବେଶ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ଗୁରଙ୍ଗ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ, ବନସୁରକ୍ଷା ସମିତିର ସଭାନେତ୍ରୀ ସାଧବାଣୀ ନାଏକ ଅତିଥି ଭାବେ ଯୋଗଦେଇ ବନ ମହୋତ୍ସବର ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଗୁରଙ୍ଗ ଗ୍ରାମରେ ବୃକ୍ଷ ରୋପଣ କରାଯାଇଥିଲା। ନିୟୁଜ୍ ଅନୁଷ୍ଠାନର ବିକାଶ ଅଧିକାରୀ ସୁବ୍ରତ କୁମାର ପ୍ରଧାନ, ପ୍ରିୟବ୍ରତ ବେହେରା, ବନରକ୍ଷୀ ଲୁଲୁ ପ୍ରଧାନ, ସନ୍ତୋଷ ନାଏକ, ଆନିମେଟର୍ ଅରୁଣ ନାଏକ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଅନୁଗୋଳ ଗାନ୍ଧିମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ମୁଖ୍ୟଅତିଥି ଜିଲା ବନଖଣ୍ଡ ଅଧିକାରୀ ଭି.କାର୍ତ୍ତିକ ବୃକ୍ଷରୋପଣର ଉପକାରିତା ସମ୍ବନ୍ଧରେ ଶିଶୁମାନଙ୍କୁ ଅବଗତ କରାଇଥିଲେ। ଏସିଓଏଫ୍ ବାସୁଦେବ ନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ବିଜୟ କୁମାର ମୋଦି, କୋଷାଧ୍ୟକ୍ଷ ଅଜିତ କୁମାର ପାତ୍ର, ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରଥ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଶିଶୁମାନେ ବିଦ୍ୟାଳୟ ପରିସରରେ ସାମୂହିକ ବୃକ୍ଷରୋପଣ କରିଥିଲେ।

## ସଂକ୍ଷେପରେ

### ମାଗଣା ସ୍ୱାସ୍ଥ୍ୟ ଶିବିର



**କାମାକ୍ଷାନଗର, ୮।୭(ଡି.ଏନ୍.ଏ.):** କାମାକ୍ଷାନଗର ବ୍ଲକ ମହୁଲପାଳ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟର ୨୦୦୦ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ରାଜୀବ ଭବନ ପରିସରରେ ରବିବାର ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଡା. ଲୁଲୁପ କୁମାର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୧୬୮ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଔଷଧ ବଣ୍ଟନ କରାଯାଇଥିଲା। ସମଦର୍ଶୀ ଦାସ, ଅଭିଷେକ ପଟ୍ଟନାୟକ, ଉପେନ୍ଦ୍ର ରାଉତ, ଜୟକୃଷ୍ଣ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଅଭିଯୁକ୍ତ ଗିରଫ

**ଢେଙ୍କାନାଳ ଅଫିସ, ୮।୭:** ଗଁଦିଆ ଥାନା ମହାପଦା ଗ୍ରାମରେ ରଜ ଉତ୍ସବ ଚାଲିଥିବାବେଳେ ବଣସିଂହ ଅଞ୍ଚଳର କେତେଜଣ ଯୁବକ ଆତଙ୍କରାଜ ସୃଷ୍ଟି କରିଥିଲେ। ସେମାନଙ୍କ ଆକ୍ରମଣରେ କେତେଜଣ ଯୁବକ ଗୁରୁତର ହୋଇଥିଲେ। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ମିଲୁ ମଲ୍ଲିକ (୨୦)ଙ୍କୁ ରବିବାର ରାତିରେ ଗଁଦିଆ ପୋଲିସ କଟକ ଜିଲା ଗୁରୁଡ଼ିଝାଟିଆ ଥାନା ନାରଙ୍ଗବସ୍ତ ଗ୍ରାମରୁ ଗିରଫ କରିଛି। ମୁଖ୍ୟ ଅଭିଯୁକ୍ତ ରାଜୁ ମଲ୍ଲିକ ଫେରାର ଅଛନ୍ତି। ଗିରଫ ମିଲୁଙ୍କଠାରୁ ଏକ ବାଇକ୍ ଏବଂ ଆକ୍ରମଣରେ ବ୍ୟବହୃତ ଖଣ୍ଡା ଜବତ କରାଯାଇଛି। ଏ ନେଇ ନଂ. ୧୦୭/୧୯ରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ନିରୁପମା ଜେନା କହିଛନ୍ତି।

### ୧୨ ଫୁଟର ଅଜଗର ଉଦ୍ଧାର



**କାମାକ୍ଷାନଗର, ୮।୭(ଡି.ଏନ୍.ଏ.):** କାମାକ୍ଷାନଗର ରେକୁଲା ନିକଟ ରାମିଆଳ ନଦୀକୂଳରେ ଥିବା ଏକ ପରିତ୍ୟକ୍ତ କୁକୁଡ଼ା ଫାର୍ମରୁ ସୋମବାର ୧୨ଫୁଟ ଲମ୍ବର ଏକ ଅଜଗର ଉଦ୍ଧାର କରାଯାଇଛି। ଅଜଗର କୁକୁଡ଼ା ଫାର୍ମର ଟାଇଲ ଛପର ଉପରେ ଥିଲା। ଏ ନେଇ ସ୍ଥାନୀୟ ଯୁବକ ଦୀପ୍ତିରଞ୍ଜନ ବେହେରା ବନ୍ୟଜନ୍ତୁ ସୁରକ୍ଷା ସମିତି ଆବାହକ ଅର୍ଶାଦ ମହମ୍ମଦଙ୍କୁ ସୂଚନା ଦେଇଥିଲେ। ରାଜେଶ ରଞ୍ଜନ ବେହେରାଙ୍କ ସହଯୋଗରେ ଅଜଗରକୁ ଉଦ୍ଧାର କରି ଅନନ୍ତପୁର ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ଅର୍ଶାଦ ସୂଚନା ଦେଇଛନ୍ତି।

### ଭାଜପାର ସଦସ୍ୟତା ଅଭିଯାନ

**ପରଜଙ୍ଗ, ୮।୭(ଡି.ଏନ୍.ଏ.):** ପରଜଙ୍ଗ ବ୍ଲକ ବସୋଇ ପଞ୍ଚାୟତରେ ସୋମବାରଠାରୁ ଆରମ୍ଭ ହୋଇଛି ଭାଜପାର ସଦସ୍ୟତା ଅଭିଯାନ। ବ୍ଲକରେ ଦଳୀୟ କର୍ମୀଙ୍କ ସଂଖ୍ୟା ବୃଦ୍ଧି କରିବା, ତୃଣମୂଳସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଆରମ୍ଭ ହୋଇଛି। ୩୬ ଦିନ ମଧ୍ୟରେ ୨୦% ଅଧିକ ସଦସ୍ୟ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରିବାକୁ ଜିଲା ସଭାପତି ବିଭୂତି ଭୂଷଣ ପ୍ରଧାନ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ପ୍ରଥମ ଦିନରେ ଶତାଧିକ ଯୁବତୀଯୁବକ ଅନ୍‌ଲାଇନରେ ନୂତନ ସଦସ୍ୟତା ଗ୍ରହଣ କରିଥିଲେ। ଏହି ଅବସରରେ ସ୍ଥାନୀୟ ମନ୍ଦିର ପ୍ରାଙ୍ଗଣରେ ଚାରାରୋପଣ କରାଯାଇଥିଲା। ଆୟୋଜିତ ସଭାରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ବରିଷ୍ଠ କର୍ମୀ ଲକ୍ଷ୍ମୀଧର ସାହୁ, ଦୁର୍ଗା ପ୍ରସାଦ ସାହୁ, ସନ୍ତୋଷ ସାହୁ, ପ୍ରଶାନ୍ତ ଦଳବେହେରା, ଦୟାନିଧି ସାହୁ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ।



---

■କାନପୁରା ହାଇସ୍କୁଲରେ 'ଅଟଳ ଟିଙ୍କରିଙ୍ଗ' ଲ୍ୟାବ୍ ଉଦ୍‌ଘାଟିତ

# ପିଲାଙ୍କୁ ମିଳିବ ଗୁଣାତ୍ମକ ଶିକ୍ଷା ପ୍ରଶିକ୍ଷଣ



ଲାବରେଟୋରି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଏବଂ ଅଧିକାରୀମାନେ।

**କାମାକ୍ଷାନଗର, ୮।୭(ଡି.ଏନ୍.ଏ.)**

> ■ଖର୍ଚ୍ଚ ହୋଇଛି ୧୨ ଲକ୍ଷ ଟଙ୍କା
>
> ■ସୁଯୋଗ ନେବାକୁ ଜିଲାପାଳଙ୍କ ପରାମର୍ଶ

ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ ଲକ୍ଷ୍ୟରେ ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାନପୁରସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲରେ ସୋମବାର ଉଦ୍‌ଘାଟିତ ହୋଇଛି 'ଅଟଳ ଟିଙ୍କ୍‌ରିଙ୍ଗ ଲ୍ୟାବ୍'। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ପିଲାମାନଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଥିଲେ। ଜିଲା ଶିକ୍ଷାଧିକାରୀ ସୁଧାନନ୍ଦ ପରିଡ଼ା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଲେ, କେନ୍ଦ୍ର ସରକାରଙ୍କ ନୀତି ଆୟୋଗ ଅନୁଦାନରେ ୧୨ ଲକ୍ଷ ଟଙ୍କା ବ୍ୟୟରେ ଏହି ଅତ୍ୟାଧୁନିକ ଲାବରେଟୋରି ପ୍ରସ୍ତୁତ କରାଯାଇଛି। ଛାତ୍ରୀଛାତ୍ରମାନେ ପୁସ୍ତକଗତ ଶିକ୍ଷା ସହିତ ଏଠାରେ ପ୍ରାକ୍ଟିକାଲ ସମ୍ପର୍କରେ ମଧ୍ୟ ଜ୍ଞାନ ଆହରଣ କରିପାରିବେ। ପିଲାମାନଙ୍କ ସାମଗ୍ରିକ ବିକାଶରେ ଏହି ଲ୍ୟାବ୍ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଜିଲାପାଳ ନିଜ ଅଭିଭାଷଣରେ କହିଲେ, ଏବେକାର ପିଲାମାନେ ବାସ୍ତବିକ୍ ଭାଗ୍ୟବାନ। ଏବେ ଶିକ୍ଷାନୁଷ୍ଠାନରେ ନୂତନ ଜ୍ଞାନ କୌଶଳ ଅନୁଯାୟୀ ଶିକ୍ଷାପ୍ରଦାନ କରାଯାଉଛି। ପୂର୍ବରୁ ଏପରି ସୁବିଧା ନ ଥିଲା। ଏହାର ସୁଯୋଗ ନେଉଥିବା ଛାତ୍ରୀଛାତ୍ର ନିଶ୍ଚିତ ଭାବେ ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ବଢ଼ିପାରିବେ ବୋଲି ସେ କହିଥିଲେ। ଜିଲାପାଳ ଆହୁରି ମଧ୍ୟ କହିଲେ, ଛାତ୍ରୀଛାତ୍ର ଅନିସନ୍ଧିତ୍ସୁ ହେବା ଜରୁରୀ। ମନରେ ସୃଷ୍ଟି ହେଉଥିବା ପ୍ରଶ୍ନର ଉତ୍ତର ଖୋଜିଲେ ଅନେକ କଥା ଶିଖିବାକୁ ମିଳିବ। ନିଜେ କିଛି ଶିଖିଲେ ଅନ୍ୟମାନଙ୍କୁ ଶିଖାଇବାରେ ସୁବିଧା ହେବ। ହାତ ପାଖରେ ଥିବା ସୁଯୋଗକୁ ହାତଛଡ଼ା ନ କରି ଏହାର ସଦୁପଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ମୁଖ୍ୟବକ୍ତା ଭାବେ ସରାଙ୍ଗ ଆଇଜିଆଇଟି କମ୍ପ୍ୟୁଟର ବିଜ୍ଞାନ ଏବଂ ଇଞ୍ଜିନିୟରିଂ ବିଭାଗ ପ୍ରଫେସର ଡା. ଶ୍ରୀନିବାସ ସେଠୀ ଯୋଗଦେଇ ବୈଷୟିକ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ।

ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଜିଲା ସମାଜ ମଙ୍ଗଳ ଅଧିକାରୀ ମାନସ ମିଶ୍ର, ବିଇଓ ଅଜୟ କୁମାର ପାତ୍ର, ମିନତି ଦେହୁରୀ, ଥାନାଧିକାରୀ ନିରଞ୍ଜନ ସେଠୀ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସୁକାନ୍ତ ଚରଣ ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଲାବରେଟୋରି ନିର୍ମାଣ କରିଥିବା 'ଏ.ଆର. ରୋବଟିକ୍' ଅନୁଷ୍ଠାନ ପରିଚାଳକ ଅଞ୍ଜନ କୁମାର ରାଉତ, ତାଲିମଦାତା ରଞ୍ଜନ ମିଶ୍ର, କାଳୀଚରଣ ପଣ୍ଡା, ବିଜ୍ଞାନ ଶିକ୍ଷକ ଚନ୍ଦ୍ରମଣି ଲେଙ୍କା, ଧ୍ରୁବଚରଣ ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ନିରଞ୍ଜନ ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ଧନ୍ୟବାଦ ଦେଇଥିଲେ।

---

## ସେଲ୍ଫି କର୍ନର



@ ସତୀଶ



@ ତାପସ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | dklselfie@gmail.com (ବଛା ବଛା ସେଲ୍ଫି ପ୍ରକାଶ ପାଇବ)

---

# ମହିଳା କଲେଜରେ ଲାଗିଲା ୨୦୦ ଚାରା

**ଭୁବନ, ୮।୭(ଡି.ଏନ.ଏ.)**



ଅତିଥିମାନେ ଚାରାରୋପଣ କରୁଛନ୍ତି।

ଭୁବନ ମହିଳା କଲେଜରେ ବନ ବିଭାଗ ସହଯୋଗରେ ୨୦୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଛି। ଏହି ଅବସରରେ ଆୟୋଜିତ ସଚେତନତା ସଭାରେ ଯୁକ୍ତ ୩ ଅଧ୍ୟକ୍ଷ ଦିଲୀପ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ରେଞ୍ଜର ବିଭୁଦାନନ୍ଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ବୃକ୍ଷ ହିଁ ଜୀବନ। ବୃକ୍ଷରାଜିକୁ ବାଦ୍ ଦେଇ ଜୀବଜଗତର ପରିକଳ୍ପନା କରାଯାଇ ନ ପାରେ। ଦିନକୁ ଦିନ ଜଙ୍ଗଲ ସମ୍ପଦ ଅହେତୁକ ଭାବେ ହ୍ରାସ ପାଇବାରେ ଲାଗିଛି। ଏବେଠାରୁ ସଚେତନ ନ ହେଲେ ଆଗାମୀ ଦିନରେ ଏହା ମନୁଷ୍ୟ ପାଇଁ ବୁମେରାଂ ସାବ୍ୟସ୍ତ ହେବ ବୋଲି ସେ ଛାତ୍ରୀଛାତ୍ରଙ୍କୁ ସତର୍କ କରାଇଥିଲେ। ଡେପୁଟି ରେଞ୍ଜର ଗୌତମ ପ୍ରଧାନ, ଯୁକ୍ତ ୨ ବିଭାଗ ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ପୋଥାଳ, ଶିକ୍ଷକ ଶାନ୍ତନୁ କୁମାର ଦାସ, ୟୁଥ୍ ରେଡ୍‌କ୍ରସ୍ ସହକାରୀ କାଉନ୍‌ସେଲର ନମିତା ଦ୍ୱିବେଦୀ, ନିରଞ୍ଜନ ନାୟକ ଅତିଥି ଭାବେ ଯୋଗଦେଇ ଚାରାରୋପଣର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପିକାଅଧ୍ୟାପକ, ଛାତ୍ରୀ, ଏନ୍‌ସିସି, ଗାଇଡ୍ସ, ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀମାନେ କୃଷ୍ଣଚୂଡ଼ା, ରାଧାଚୂଡ଼ା, କରଞ୍ଜ, ଶାଗୁଆନ, ଶାଳ, ନିମ୍ବ, ବଉଳ ଆଦି ବିଭିନ୍ନ ପ୍ରଜାତିର ଚାରାରୋପଣ କରିଥିଲେ।

---

## ଫାଇନାନ୍ସ କର୍ମଚାରୀଙ୍କଠାରୁ ୫୮ହଜାର ଟଙ୍କା ଲୁଟ୍

**ଢେଙ୍କାନାଳ ଅଫିସ, ୮।୭**

ଢେଙ୍କାନାଳ ସଦର ଥାନା ଝାରଗଡ଼ିଆ ଫାଣ୍ଡି ଅଧୀନ ବଉଳପୁରରୁ ୫୫ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତାରେ ସୋମବାର ଭାରତ ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ହୋଇଛି। ୫ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ୫୮ହଜାର ଟଙ୍କା ଲୁଟି ନେଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ଭାରତ ଫାଇନାନ୍ସ ସଂସ୍ଥାର ରାମଚନ୍ଦ୍ର ରାଉତ ଏବଂ ତାଙ୍କର ଜଣେ ସହଯୋଗୀ କାଉଁରିଆପାଳ, ବେଲପଡ଼ା, ପଶାସିଂହ ଅଞ୍ଚଳରୁ ୫୮ହଜାର ଟଙ୍କା ଆଦାୟ କରି ବାଇକ୍‌ରେ ଫେରୁଥିଲେ। ଏହି ସମୟରେ ୨ ବାଇକ୍‌ରେ ୫ଜଣ ଯୁବକ ଆସି ଉଭୟଙ୍କୁ ଅଟକାଇଥିଲେ। ବନ୍ଧୁକ ଦେଖାଇ ଭୟଭୀତ କରାଇବା ସହ ସେମାନଙ୍କ ନିକଟରୁ ୫୮ହଜାର ଟଙ୍କା, ୨ ମୋବାଇଲ ଏବଂ ଗୋଟିଏ ଟାବ୍‌ଲେଟ୍ ନେଇଯାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

---

■ମରଣାନ୍ତକ ଆକ୍ରମଣ ମାମଲା

## ୨ ଅଭିଯୁକ୍ତଙ୍କୁ ୫ ବର୍ଷ ଲେଖାଏ ଜେଲ

**ଢେଙ୍କାନାଳ ଅଫିସ, ୮।୭**

ଢେଙ୍କାନାଳ ଜିଲା ଜଜ୍‌ଙ୍କ କୋର୍ଟରେ ସୋମବାର ୨୦୧୫ରେ ସଙ୍ଗଠିତ ଏକ ଆକ୍ରମଣ ମାମଲାର ରାୟ ପ୍ରକାଶ ପାଇଛି। ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମୁକ୍ତି ରଞ୍ଜନ ଶତପଥୀ ଅଭିଯୁକ୍ତ କାଳିଆ ବେହେରା ଏବଂ ଶ୍ରୀଧର ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉଭୟଙ୍କୁ ଅଦାଲତ ୫ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୫ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ଜରିମାନା ଟଙ୍କା ଆହତଙ୍କୁ ପ୍ରଦାନ କରିବାକୁ ରାୟରେ ଉଲ୍ଲେଖ କରାଯାଇଛି। ସେହିପରି ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ରାହୁଲ ବେହେରା ଏବଂ ପିଣ୍ଟୁ ବେହେରା ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ଅକ୍ଷୟ କୁମାର ଭୋଇ, ପ୍ରମିଳା ମହାପାତ୍ର ପରିଚାଳନା କରିଥିଲେ।

ମାମଲାର ବିବରଣୀ ଅନୁଯାୟୀ, ଢେଙ୍କାନାଳ ଦୋଳମଣ୍ଡପ ସାହିରେ ୨୦୧୫ ଏପ୍ରିଲ୍ ୨୧ ରାତି ୮ଟାରେ ଚମାର ସାହିର କାଳିଆ ବେହେରା, ଶ୍ରୀଧର ବେହେରା, ରାହୁଲ ବେହେରା, ପିଣ୍ଟୁ ବେହେରା ପୂର୍ବଶତ୍ରୁତାଙ୍କୁ କେନ୍ଦ୍ର କରି ଗୋମି ଷେଣ୍ଡଙ୍କ ଘର ଆଗରେ ଆତଙ୍କରାଜ ସୃଷ୍ଟି କରିଥିଲେ। ପାଟିତୁଣ୍ଡ ଶୁଣି ଗୋମିଙ୍କ ଭାଇ ସାଗର ପହଞ୍ଚି ଏହାର ପ୍ରତିବାଦ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ କାଳିଆ ଏବଂ ଶ୍ରୀଧର ଉଭୟଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ପାଟି ଶୁଣି ସ୍ଥାନୀୟ ଅଞ୍ଚଳବାସୀ ରୁଣ୍ଡ ହୋଇଯିବାରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏ ନେଇ ନଂ. ୮୫/୧୫ରେ ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତମାନେ ଗିରଫ ପରେ ଜାମିନରେ ଆସିଥିଲେ। ମାମଲାର ସିଟି ସେସନ୍ସ କେସ୍ ନଂ.୧୧୭/୧୫ର ବିଚାର କରି ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଏହି ରାୟ ଶୁଣାଇଛନ୍ତି।

---

# ପରିବେଶବିତ୍ ସମ୍ବର୍ଦ୍ଧିତ




**ଢେଙ୍କାନାଳ ଅଫିସ, ୮।୭**

ଯୋରନ୍ଦା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୫୦ରୁ ଊର୍ଦ୍ଧ୍ୱ ଗଛ ଲଗାଯାଇଥିଲା। ଏଥିସହ ଜୈବ ବିବିଧତା ଉପରେ ନାଟକ ମଞ୍ଚସ୍ଥ ହୋଇଥିଲା। ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପରିବେଶବିତ୍ ମଧୁ ସେଠୀ ସମ୍ମାନିତ ହୋଇଥିଲେ। ଡା. ସ୍ୱାଧୀନ ରଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଷଡ଼ଙ୍ଗୀ ରେଞ୍ଜ ଅଧିକାରୀ ଅଶୋକ କୁମାର ଭଞ୍ଜ, ସରପଞ୍ଚ ପ୍ରଶାନ୍ତ କୁମାର ରାଉତ, ଫାଣ୍ଡି ଅଧିକାରୀ ପ୍ରାଣକୃଷ୍ଣ ମଲ୍ଲିକ, ସାମାଜିକ କର୍ମୀ ଲମ୍ବୋଦର ପରିଡ଼ା, ଡା. ବିଶ୍ୱକଲ୍ୟାଣୀ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ କର୍ମଚାରୀ ଅନସୂୟା ଶତପଥୀ ଧନ୍ୟବାଦ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ପରିବେଶ ସୁରକ୍ଷା ନାରା ଦେଇ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଏଥିରେ ସ୍କୁଲ କର୍ମଚାରୀ, ଛାତ୍ରୀଛାତ୍ର, ଆଶା କର୍ମୀ, ବନ କର୍ମଚାରୀ ସାମିଲ ହୋଇଥିଲେ।

---

## ଲୋକ ସଭାରେ ଉଠିଲା ଖବରଦାତାଙ୍କ ସୁରକ୍ଷା ପ୍ରସଙ୍ଗ

**ଢେଙ୍କାନାଳ ଅଫିସ, ୮।୭**

ଓଡ଼ିଶାରେ କାର୍ଯ୍ୟରତ ଖବରଦାତାଙ୍କ ସୁରକ୍ଷା ପ୍ରସଙ୍ଗ ଲୋକ ସଭାରେ ଉଠାଇଛନ୍ତି ଢେଙ୍କାନାଳ ଏମ୍‌ପି ମହେଶ ସାହୁ। ଏ ସମ୍ପର୍କରେ ସେ ସୋମବାର ଅପରାହ୍ନ ୪ଟାରେ ଢେଙ୍କାନାଳ 'ଧରିତ୍ରୀ' ପ୍ରତିନିଧିଙ୍କୁ ଫୋନ୍ ଯୋଗେ ସୂଚନା ଦେଇଛନ୍ତି। ବୈଦ୍ୟୁତିକ ଗଣମାଧ୍ୟମ, ଦୈନିକ, ସାପ୍ତାହିକ, ପାକ୍ଷିକ, ଜାତୀୟ ଏବଂ ଆଞ୍ଚଳିକ ଭାଷାର ଖବର କାଗଜଗୁଡ଼ିକରେ କାର୍ଯ୍ୟରତ ଖବରଦାତାମାନେ ବିଭିନ୍ନ ସମୟରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ସୁରକ୍ଷା ଆଇନ ପ୍ରଣୟନ କରାଯିବା ଆବଶ୍ୟକ ବୋଲି ଏମ୍‌ପି ପ୍ରସ୍ତାବ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଢେଙ୍କାନାଳରେ ଜୁନ୍ ୩୦ରେ ଓୟୁଜେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଏ ନେଇ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି ଏମ୍‌ପି। ରାଜ୍ୟରେ କାର୍ଯ୍ୟରତ ଖବରଦାତାଙ୍କ ସୁରକ୍ଷା ନେଇ କେନ୍ଦ୍ର ସରକାର ପଦକ୍ଷେପ ନେବାକୁ ଏମ୍‌ପି ଦାବି କରିଛନ୍ତି।

---

■ବାଇଗିଣିଆରେ ହାତୀ ଉପଦ୍ରବ

# ଉଜାଡ଼ିଦେଲେ ଫଳ ବଗିଚା

**ପରଜଙ୍ଗ, ୮।୭(ଡି.ଏନ.ଏ.)**



ନଷ୍ଟ ହୋଇଯାଇଥିବା କଦଳୀ ବଗିଚା।

> ■ଶତାଧିକ କଦଳୀ ଗଛ ନଷ୍ଟ
>
> ■ବାଦ୍ ପଡ଼ିଲାନି ଆଖୁ ଚାଷ
>
> ■ଫସଲ ସୁରକ୍ଷା ଚିନ୍ତାରେ ଚାଷୀ

ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଅଧୀନ ବାଇଗିଣିଆ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ହାତୀପଲ ପଶି ବ୍ୟାପକ କ୍ଷତି କରିଛନ୍ତି। ହାତୀ ଉପଦ୍ରବରେ ଆଖୁ, କଦଳୀ ବଗିଚା ଉଜୁଡ଼ିଯାଇଛି। ଅନେକ ପଣସ, ନଡ଼ିଆ ଗଛ ମଧ୍ୟ ନଷ୍ଟ ହୋଇଛି। କିଛିଦିନ ହେଲା ଅଞ୍ଚଳରେ ଉକ୍ତ ହାତୀପଲ ଭୟ ଆତଙ୍କର ବାତାବରଣ ସୃଷ୍ଟି କରିଚାଲିଛନ୍ତି। ସେମାନଙ୍କୁ ଘଉଡ଼ାଇବାରେ ବିଫଳ ହୋଇଛି ବନ ବିଭାଗ। ଫଳରେ ଚାଷୀମାନେ ଏବେ ଚାଷବାସ ସୁରକ୍ଷା ନେଇ ଚିନ୍ତାରେ ପଡ଼ିଛନ୍ତି।

ହାତୀପଲ ପ୍ରଥମେ ହେମନ୍ତ ସାହୁଙ୍କ ବଗିଚାରେ ପଶି କଦଳୀ, ନଡ଼ିଆ ଗଛ ଭାଙ୍ଗି ଖାଇଯାଇଥିଲେ। ଏଥିରେ ୧ ଏକର ଜମିରେ ଚାଷ କରାଯାଇଥିବା ଫସଲ ନଷ୍ଟ ହୋଇଥିବା ହେମନ୍ତ ଅଭିଯୋଗ କରିଛନ୍ତି। ସେହିପରି ରାଜେନ୍ଦ୍ର ପାଣି, ଶ୍ରୀକାନ୍ତ ମାଝି, ଡମ୍ବରୁ ମାଝି, ଅଖିଳ ଭୋଇ, ଲୋଚନ ଭୋଇଙ୍କ ବଗିଚା ହାତୀପଲ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କ କହିବା କଥା, ହାତୀଙ୍କୁ ଘଉଡ଼ାଇବାକୁ ଯାଇ ଗ୍ରାମବାସୀ ନୟାନ୍ତ ହୋଇଥିଲେ। ପ୍ରଥମେ ହାତୀପଲ ଗ୍ରାମଠାରୁ କିଛି ଦୂର ପଳାଇଥିବାବେଳେ ବିଳମ୍ବିତ ରାତିରେ ପୁଣି ଫେରି ସବୁକିଛି ଛାରଖାର କରିଦେଇଛନ୍ତି। ହାତୀ ଚାଷ ନଷ୍ଟ କରୁଥିବା ନେଇ ଫରେଷ୍ଟର ରାମଚନ୍ଦ୍ର ରାଉତଙ୍କୁ ସୂଚନା ଦିଆଯାଇଥିଲେ ମଧ୍ୟ ସେ ପହଞ୍ଚି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଫରେଷ୍ଟର ଅଭିଯୋଗକୁ ସ୍ୱୀକାର କରିଛନ୍ତି। କୌଣସି କାମରେ ସେ ଦଦରାଘାଟି ଯାଇଥିବା କହିଛନ୍ତି। ଏ ନେଇ ରେଞ୍ଜର ହରମୋହନ ନାୟକ କୁହନ୍ତି, ହାତୀ ଫସଲ ନଷ୍ଟ କରୁଥିବା ସମ୍ପର୍କରେ ସେ ସୂଚନା ପାଇଛନ୍ତି। କ୍ଷୟକ୍ଷତି ଆକଳନ କରିବାକୁ ଗାର୍ଡଙ୍କୁ ପଠାଯାଇଛି। କ୍ଷତିଗ୍ରସ୍ତଙ୍କୁ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ୯ ଜୁଲାଇ /୨୦୧୯, Dhenkanal, Tuesday July 9 / 2019

## ସଂକ୍ଷେପରେ

### କାର ଓଲଟି ଯୁବକ ମୃତ, ୨ ଗୁରୁତର



**କାମାକ୍ଷାନଗର, ୮ା୭(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଜଡ଼ାପାଳ ଛକରେ ସୋମବାର ସନ୍ଧ୍ୟାରେ ଏକ କାର୍ (ଓଡି ୩୩ ଏମ୍ ୬୩୩୯) ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ପୁରୀର ସୌମ୍ୟସିଦ୍ଧ ମହାପାତ୍ର (୩୨)। ଗୁରୁତର ଅବସ୍ଥାରେ ଚିତ୍ତରଞ୍ଜନ ସାମନ୍ତରାୟ (୩୩) ଏବଂ ନିରାକାର ରଣା (୨୮)ଙ୍କୁ ପ୍ରଥମେ କାମାକ୍ଷାନଗର ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି। ଚିତ୍ତରଞ୍ଜନ, ନିରାକାର ଏକ ବିବାହ ଭୋଜିରେ ଯୋଗଦେବାକୁ ପୁରୀରୁ ଅନୁଗୋଳ ଆସୁଥିଲେ। ଉକ୍ତ କାର୍‌କୁ ଚଳାଉଥିଲେ ସୌମ୍ୟସିଦ୍ଧ । ଜଡ଼ାପାଳ ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସୌମ୍ୟସିଦ୍ଧଙ୍କୁ ମୃତ ଘୋଷଣା କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଚିତ୍ତରଞ୍ଜନ ଏବଂ ନିରାକାରଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଥାନାଧିକାରୀ ନିରଞ୍ଜନ ସେଠୀ ସଦଳେବଳ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍ ଜବତ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

### ବନମହୋତ୍ସବ ପାଳିତ

**ଢେଙ୍କାନାଳ ଅଫିସ, ୮ା୭:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଡାଳସିଂହା ମାର୍ଥାପୁର ଉଚ୍ଚ ବିଦ୍ୟାଳୟରେ ଶନିବାର ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶରତ କୁମାର ଗଡନାୟକ ଯୋଗଦେଇ ବିଶ୍ୱ ଜଳବାୟୁ ପରିବର୍ତ୍ତନରେ ବୃକ୍ଷର ଭୂମିକା ଏବଂ ଚାରାରୋପଣ ଦିଗରେ ଛାତ୍ରୀଛାତ୍ରମାନେ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଇକୋ କ୍ଲବ୍ ଶିକ୍ଷକ କିର୍ତ୍ତିରଞ୍ଜନ ବରାଳ, ଶିକ୍ଷକ ଗଗନ ବିହାରୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ୩୦୦ରୁ ଉର୍ଦ୍ଧ୍ୱ ଚାରାରୋପଣ କରିଥିଲେ।

■ହେରାପଞ୍ଚମୀରେ ରଥ ଭାଙ୍ଗିଲେ ମହାଲକ୍ଷ୍ମୀ

# ଆଡ଼ପ ମଣ୍ଡପରେ ଅସମ୍ଭାଳ ଭିଡ଼

**ଢେଙ୍କାନାଳ ଅଫିସ, ୮ା୭**



ଆଡ଼ପ ମଣ୍ଡପରେ ଶ୍ରଦ୍ଧାଳୁମାନେ ଦର୍ଶନ କରୁଛନ୍ତି।

ପାରମ୍ପରିକ ନୀତି ଅନୁଯାୟୀ ସୋମବାର ପାଳିତ ହୋଇଛି ହେରାପଞ୍ଚମୀ। ଏହି ଉପଲକ୍ଷେ ସ୍ଥାନୀୟ ବାଜିଚୌକସ୍ଥିତ ଆଡପ ମଣ୍ଡପରେ ଶ୍ରୀଜୀଉଙ୍କୁ ଦର୍ଶନ କରିବାକୁ ଦିନତମାମ ଲାଗି ରହିଥିଲା ଅସମ୍ଭାଳ ଭିଡ଼। ବିଶେଷ କରି କାକରା ପିଠା ଭୋଗ ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଦେଖିବାକୁ ମିଳିଥିଲା ଉତ୍ସାହ। ଏହାକୁ ନେଇ ଶ୍ରୀଗୁଣ୍ଡିଚା ମନ୍ଦିରରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ।

ରାତି ପ୍ରାୟ ସାଢ଼େ ୧୦ଟାରେ ଶ୍ରୀବଳରାମ ମନ୍ଦିରରୁ ମା' ମହାଲକ୍ଷ୍ମୀ ବିମାନରେ ଆସି ରଥ ଭାଙ୍ଗିଥିଲେ। ଏଥିପୂର୍ବରୁ ଲକ୍ଷ୍ମୀନାରାୟଣଙ୍କ ଭେଟ ହୋଇଥିଲା। ଏହି ଦେବନୀତିକୁ ସେବାୟତମାନେ ବିଧିପୂର୍ବକ ସମ୍ପାଦନ କରିଥିଲେ। ରଥଭଙ୍ଗା କାର୍ଯ୍ୟକ୍ରମ ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶୁକ୍ରବାର ବାହୁଡ଼ା ଯାତ୍ରା ଉପଲକ୍ଷେ ରଥ ଉପରେ ମହାପ୍ରଭୁଙ୍କ ହରିଶୟନ ଏକାଦଶୀ ପାଳନ ହେବ। ଏଥିସହ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ମହାପ୍ରଭୁ। ଏ ନେଇ ନୀତିନିର୍ଘଣ୍ଟ ପ୍ରସ୍ତୁତ କରାଯାଇଥିବା ଦେବୋତ୍ତର ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପଟେ ଶ୍ରୀଗୁଣ୍ଡିଚା ଭଜନ ସମାରୋହର ୫ମ ସନ୍ଧ୍ୟା ଉପଲକ୍ଷେ ଓମ୍ ଶ୍ରୀ ଗୁରୁକୃପା ଭଜନ ସନ୍ଧ୍ୟା ଅନୁଷ୍ଠାନ ପକ୍ଷରୁ ପରିବେଷଣ କରାଯାଇଥିଲା ମନଛୁଆଁ ଭଜନ। କଣ୍ଠଶିଳ୍ପୀ ପତିତପାବନ ଦାସ, ସୌମ୍ୟରଞ୍ଜନ ମିଶ୍ର, ବିଜୟିନୀ, ଅଞ୍ଜଳି ଜଗନ୍ନାଥଙ୍କ ମହିମା ଉପରେ ଆଧାରିତ ଭଳିକି ଭଳି ଭଜନ ପରିବେଷଣ କରିଥିଲେ। ଏବିଡିଓ ଝାଡ଼େଶ୍ୱର ଦାସ ଅତିଥିଭାବେ ଯୋଗଦେଇଥିଲେ।

## ଛାତ୍ରୀଛାତ୍ର ଲଗାଇଲେ ୨୦୦ରୁ ଊର୍ଦ୍ଧ୍ୱ ଚାରା

**ଭୁବନ, ୮ା୭ (ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟରେ ଶନିବାର ୭୦ତମ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଡ. କିଶୋର ଚନ୍ଦ୍ର ଦାସ ଯୋଗ ଦେଇଥିଲେ। ରେଞ୍ଜର ବିଭୁଦାନନ୍ଦ ମିଶ୍ର, ଇତିହାସ ବିଭାଗ ଅଧ୍ୟାପକ ପ୍ରଭାତ କୁମାର ଜେନା, ଏନ୍‌ସିସି ଅଧ୍ୟାପିକା ଦୀପାରାଣୀ ସାମଲ, ଅଧ୍ୟାପକ ସୁଶାନ୍ତ ବେହେରା, ବାସୁଦେବ ସାହୁ, ହୃଦାନନ୍ଦ ବେହେରା, ଡେପୁଟି ରେଞ୍ଜର ଗୌତମ ପ୍ରଧାନ ଯୋଗଦେଇ ବନୀକରଣର ଉପକାରିତା, ଜୀବଜଗତ ପାଇଁ ବୃକ୍ଷରାଜିର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତି ଛାତ୍ରୀଛାତ୍ର ବାର୍ଷିକ ଅନ୍ୟୁନ ଗୋଟିଏ ଗଛ ଲଗାଇ ଏହାକୁ ବଢ଼ାଇବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରର କଲେଜ ପରିସରରେ ୨୦୦ରୁ ଊର୍ଦ୍ଧ୍ୱ ଶାଗୁଆନ, କରଞ୍ଜ, ନିମ୍ବ, କୃଷ୍ଣଚୂଡ଼ା, ରାଧାଚୂଡା ଆଦି ଚାରାରୋପଣ କରିଥିଲେ।

## ଶୁଣାଣି ହେଲା ୧୦୬ ଅଭିଯୋଗ



ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

**କାମାକ୍ଷାନଗର, ୮ା୭(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଉପସ୍ଥିତ ରହି ୧୦୬ ଅଭିଯୋଗର ଶୁଣାଣି କରିଥିଲେ। ଦାୟିତ୍ୱ ନେବାପରେ କଙ୍କଡ଼ାହାଡ଼ ବ୍ଲକକୁ ଏହା ଥିଲା ଜିଲାପାଳଙ୍କ ପ୍ରଥମ ଗସ୍ତ। ଏହି ଅବସରରେ ସେ ଲୋକଙ୍କ ସହ ମିଶି ସୁବିଧା ଅସୁବିଧା ପଚାରିଥିଲେ। ଶିବିରରେ ଆବାସ ଯୋଜନା, ଭତ୍ତା, କୃଷି, ଶିକ୍ଷା, ପୋଲିସ ସମ୍ପର୍କିତ ସମସ୍ୟା ସମେତ କେତେକ ବ୍ୟକ୍ତିଗତ ମାମଲାର ସମାଧାନ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ଏସ୍‌ପି ଅନୁପମା ଜେମ୍ସ, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଉପଜିଲାପାଳ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ଡିଏଫ୍‌ଓ ସୁଦର୍ଶନ ପାତ୍ର, ସିଡିଏମ୍‌ଓ ନିରଞ୍ଜନ ମିଶ୍ର, ଜିଲା ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର, ଜିଲା ସମାଜ କଲ୍ୟାଣ ଅଧିକାରୀ ଅହଲ୍ୟା ଧଳ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଜିଲା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଜୟାନନ୍ଦ ସାହୁ, ବିଡିଓ ଦେବଦତ୍ତ ମହନ୍ତ, ତହସିଲଦାର ସୁଜାତା ସୁଭଦର୍ଶନୀ, ଥାନାଧିକାରୀ ପ୍ରମୋଦ ଲେଙ୍କାଙ୍କ ସମେତ ଜିଲା ଏବଂ ଉପଖଣ୍ଡସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# 'ଚାରାକୁ ଦ୍ରୁମରେ ପରିଣତ କର'



**ଭାପୁର, ୮ା୭(ଡି.ଏନ.ଏ.)**

ଢେଙ୍କାନାଳ ସଦର ବ୍ଲକ ଭାପୁର ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ୭୦ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଜୀବଜନ୍ତୁ କଲ୍ୟାଣ ଓ ଥଇଥାନ ସଙ୍ଗଠନ ଆୱାର୍ଡ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବନପାଳ ପ୍ରଭାକର ରଣା ଆଲୋଚନାରେ ଭାଗନେଇ କହିଲେ, କେବଳ ଚାରାରୋପଣ କରି ଛାଡ଼ିଦେଲେ ହେବନାହିଁ। ଏହାର ଠିକ୍ ଭାବେ ଯତ୍ନନେବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଦ୍ରୁମରେ ପରିଣତ ହେବା ଯାଏ ଚାରାକୁ ସୁରକ୍ଷା ଯୋଗାଇ ଦେଲେ ବନ ମହୋତ୍ସବର ପ୍ରକୃତ ଉଦ୍ଦେଶ୍ୟ ସଫଳ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ।

ସରପଞ୍ଚ ପୁଷ୍ପଲତା ଭୋଇ, ୱାର୍ଡମେମ୍ବର ଇନ୍ଦୁମତୀ ଭାଇ, ବନ୍ୟଜନ୍ତୁ ଓ ସାପ ଉଦ୍ଧାରକାରୀ ଦଳର ଦୀପୁ ଖଟୁଆ ଜୀବନ ପଣ୍ଡା, ରଞ୍ଜିତ ବାରିକ, ସୌମ୍ୟରଞ୍ଜନ ଖଟୁଆ, ବିଶ୍ୱଜିତ୍ ମହାପାତ୍ର, ଜିତୁ ଭାଇ, ଜଗା ଖଟୁଆ ପ୍ରମୁଖ ଚାରାରୋପଣ କରିଥିଲେ।

## ଫଟୋରେ ଖବର



ଢେଙ୍କାନାଳ ସହର ନୂଆପୋଖରୀ ନିକଟ ନେତାଜୀ ଶିଶୁ ଉଦ୍ୟାନରୁ ସୋମବାର ସନ୍ଧ୍ୟାରେ 'ବନ୍ୟକ' ଫାଉଣ୍ଡେଶନର ସଦସ୍ୟମାନେ ୨ଟି ନାଗନାଗୁଣୀ ଉଦ୍ଧାର କରିଛନ୍ତି। ନାଗର ଲମ୍ବ ସାଢ଼େ ୬ଫୁଟ ଏବଂ ନାଗୁଣୀର ଲମ୍ବ ପ୍ରାୟ ୫ ଫୁଟ ହେବ। ବନ ବିଭାଗକୁ ସୂଚନା ଦିଆଯିବା ପରେ ଉକ୍ତ ୨ ସାପକୁ ମେଘା ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯାଇଛି।





# 'ବୟସ୍କଙ୍କୁ ଅଣଦେଖା ପରିତାପର ବିଷୟ'

**ଢେଙ୍କାନାଳ ଅଫିସ, ୮ା୭**

ସାମାଜିକ ପରିବର୍ତ୍ତନରେ ବରିଷ୍ଠ ନାଗରିକ ହେଉଛନ୍ତି ଦିବ୍ୟ ସମ୍ଭାବନା। ସେମାନଙ୍କ ଅଭିଜ୍ଞତା, ଅନୁଭବ, ଅନୁଭୂତି ସକାରାତ୍ମକ ପ୍ରତିଫଳନର ପ୍ରତୀକ। ହେଲେ ଢେଙ୍କାନାଳ ଜିଲାରେ ବରିଷ୍ଠ ନାଗରିକମାନେ ଅବହେଳିତ ଅବସ୍ଥାରେ ଅଛନ୍ତି। ସରକାରୀସ୍ତରରେ ସେମାନଙ୍କ ସମସ୍ୟାର ସମାଧାନ କରାଯାଉନାହିଁ। ଯେତେ ଆପତ୍ତି ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି। ପରିଣତ ବୟସରେ ଅନେକେ ଅବହେଳିତ ହୋଇ ରହିଥିବା ଅଭିଯୋଗ ଆଣିଛି ଢେଙ୍କାନାଳ ବରିଷ୍ଠ ନାଗରିକ ମଞ୍ଚ। ଟାଉନପ୍ଲାନିଂ ଦୁର୍ଗା ମଣ୍ଡପରେ ରବିବାର ମଞ୍ଚର କାର୍ଯ୍ୟକାରିଣୀ ସମିତି ଓ ଉପଦେଷ୍ଟା ମଣ୍ଡଳୀ ବୈଠକରେ ଏହାକୁ ନେଇ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି କର୍ମକର୍ତ୍ତା।

ଉପସଭାପତି ଯମେଶ୍ୱର ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବରିଷ୍ଠ ନାଗରିକଙ୍କ ପାଇଁ ଚିତ୍ତ ବିନୋଦନ କେନ୍ଦ୍ର, ମାସିକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସହରର ପରିମଳ ବ୍ୟବସ୍ଥା ସୁଧାରିବା, ପୁରାତନ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସହରାଞ୍ଚଳ ଡାକ୍ତରଖାନାରେ ପରିଣତ କରିବା ନେଇ ମତପ୍ରକାଶ ପାଇଥିଲା। ଏହି ଅବସରରେ ଉପବିଧି ସଂଶୋଧନ ଏବଂ ନିର୍ବାଚନ ପରିଚାଳନା ପାଇଁ ସବ୍ କୋର୍ କମିଟି ଗଠନ, ବାର୍ଷିକ ହିସାବ ସମୀକ୍ଷା ପାଇଁ ଜଣେ ସମୀକ୍ଷକ ନିର୍ବାଚିତ କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ସମ୍ପାଦକ ବସନ୍ତ ପଟ୍ଟନାୟକ, ଉପଦେଷ୍ଟା ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ, ବିଧୂଭୂଷଣ ନନ୍ଦ, ପ୍ରହ୍ଲାଦ ତ୍ରିପାଠୀ, ଉପସଭାପତି ପ୍ରମୋଦ ମିଶ୍ର, ଭାସ୍କର ଚନ୍ଦ୍ର ସାହୁ, ସହସମ୍ପାଦକ କୃଷ୍ଣମୋହନ ସାହୁ, ଭ୍ରମରବର ଦଳାଇ, ମନୋରଞ୍ଜନ ନନ୍ଦ, ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, କୋଷାଧ୍ୟକ୍ଷ କାଳିନ୍ଦୀ ଚରଣ ସାମଲ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ମହିଳାଙ୍କୁ ମାଡ଼ମାରି ଲୁଟିନେଲେ ୪୦ ହଜାର

**ପରଜଙ୍ଗ, ୮ା୭(ଡି.ଏନ.ଏ.)**



■ଆସିଥିଲେ ୨ଜଣ ଦୁର୍ବୃତ୍ତ
■ପରିଚିତଙ୍କ ସମ୍ପୃକ୍ତି ସନ୍ଦେହ

ପରଜଙ୍ଗ ଥାନା ନୂଆଁକୁଆଳୋ ଗ୍ରାମରେ ସୋମବାର ରାତି ପ୍ରାୟ ୮ଟାରେ ଲୁଟ୍‌ପାଟ ହୋଇଛି। ଗ୍ରାମର ନରୋତ୍ତମ ସାହୁଙ୍କ ସ୍ତ୍ରୀ ବିନୋଦିନିଙ୍କୁ ନିସ୍ତୁକ ମାଡ଼ ମାରି ଦୁର୍ବୃତ୍ତମାନେ ୪୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ନେଇ ପଳାଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଲୁଟ୍‌ର ଶିକାର ହୋଇଥିବା ମହିଳାଙ୍କ ସମ୍ପର୍କୀୟ ଏ ନେଇ ପୋଲିସକୁ ଅବଗତ କରାଇଛନ୍ତି।

ଅଭିଯୋଗ ଅନୁଯାୟୀ, ନରୋତ୍ତମ ବାହାରେ ରୁହନ୍ତି। ଦୁଇପୁଅ ଘରେ ଶୋଇଥିବାବେଳେ ବିନୋଦିନି ପଡ଼ୋଶୀଙ୍କ ଘରକୁ ଯାଇଥିଲେ। ସେଠାରୁ ଫେରି ଘର ଭିତରକୁ ପଶିବା ମାତ୍ରେ ପୂର୍ବରୁ ଉପସ୍ଥିତ ସମ୍ପୃକ୍ତ ୨ ଯୁବକ ତାଙ୍କ ମୁହଁରେ କପଡ଼ା ବାନ୍ଧି ଦେଇଥିଲେ। ମାଡ଼ ମାରିବା ସହ ଟାଙ୍ଗିଆରେ ଆକ୍ରମଣ ଉଦ୍ୟମ ମଧ୍ୟ କରିଥିଲେ। କୌଶଳକ୍ରମେ ବିନୋଦିନି ଘରୁ ବାହାରକୁ ଦୌଡ଼ି ପଳାଇ ଆସିଥିଲେ। ଏହାର ସୁଯୋଗରେ ଅଭିଯୁକ୍ତମାନେ ଆଲମିରାରେ ଥିବା ୪୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଚମ୍ପଟ ମାରିଛନ୍ତି। କେହିଜଣେ ଜଣାଶୁଣା ଲୋକେ ଏପରି କାଣ୍ଡ କରିଥିବା ସନ୍ଦେହ କରାଯାଉଛି।

# ଶୋଭାଯାତ୍ରାରେ ବାଣ୍ଟିଲେ ସଚେତନତା





ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ନଗର ପରିକ୍ରମା କରୁଛନ୍ତି।

**ଢେଙ୍କାନାଳ ଅଫିସ, ୮ା୭**

ଢେଙ୍କାନାଳ ସଦର ବ୍ଲକ କାମାକ୍ଷା ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୭ମ ଶ୍ରେଣୀ ଛାତ୍ରୀ ବିଷ୍ଣୁପ୍ରିୟା ଓଝା ପ୍ରଥମ, ୧୦ମ ଶ୍ରେଣୀ ଛାତ୍ରୀ ସସ୍ମିତା ସାମଲ ଦ୍ୱିତୀୟ ଏବଂ ସ୍ୱାଗତିକା ସାମଲ ୩ୟ ସ୍ଥାନ ହାସଲ କରିଛନ୍ତି।

ପ୍ରାରମ୍ଭରେ ବିଦ୍ୟାଳୟର ଇକୋ କ୍ଲବ, ସ୍କାଉଟ୍ସ, ଗାଇଡ୍ସ, ଜୁନିୟର ରେଡ୍‌କ୍ରସ୍ ସମେତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ସଚେତନତା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ସହ ଗଛ ଲଗାଇବାକୁ ସ୍ଲୋଗାନ ଦେଇଥିଲେ। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ପତିଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କରାଯାଇଥିଲା। ଇକୋ କ୍ଲବ ଶିକ୍ଷକ ସଦାନନ୍ଦ ଭୋଳ, ଶାରୀରିକ ଶିକ୍ଷା ଶିକ୍ଷକ ନରେଶ କୁମାର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ